ମୂଲ୍ୟ: ₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଞ୍ଜଳି

ନଭେମ୍ବର ୨୮-ଡିସେମ୍ବର-୧୧, ୨୦୧୮

**ସୃଜନ-ଆଳାପ** : ଗୋବିନ୍ଦ ମିଶ୍ର

**ପ୍ରଥମ ବହି** : ପ୍ରଦୀପ ନାୟକ

**ବିଶେଷ ଗପ** : ହିରଣ୍ମୟୀ ମିଶ୍ର

**ପ୍ରଦକ୍ଷିଣ** : ସୌମ୍ୟା ମହାପାତ୍ର







**ପ୍ରଦୀପ ନାୟକ**

# ନିଜେ ରୋପିଥିବା ଗଛରେ ପ୍ରଥମ ଫୁଲ ପରି 'ପ୍ରଥମ ବହି'ର ଅନୁଭବ...


**ପ୍ରଦୀପ ନାୟକ**ଙ୍କ ଜନ୍ମ ୮ ଜୁନ୍ ୧୯୬୪ରେ, କେନ୍ଦ୍ରାପଡ଼ା ଜିଲା ଫିରିକିଦାଣ୍ଡି ଗାଁରେ। ପ୍ରକାଶିତ ଗଳ୍ପ ପୁସ୍ତକ: 'ମୌନ ଭଗ୍ନାଂଶ', 'ମାଟିଘୋଡ଼ା', 'ମଣିଷନାମା', 'ମଲାଙ୍ଗ', 'ମହାଭାରତୀୟ' ଓ 'ମା' କହିଚି'। ଉପନ୍ୟାସ: 'ଭୂମି' ଓ 'ମାୟା'ର ସୁବିଦିତ ଏହି କଥାକାର ଓଡ଼ିଆ କଥା ସାହିତ୍ୟକୁ ତାଙ୍କର ଅବଦାନ ପାଇଁ 'ଚଲାପଥ', 'ପୁନର୍ନବା', 'ସବୁଜ ସାହିତ୍ୟ', 'ତୁଳସୀ କ୍ଷେତ୍ର' ଓ 'ଲେଖା' ଆଦି ସମ୍ମାନରେ ସମ୍ମାନିତ। ଗଳ୍ପ କଥନରେ ନିଜସ୍ୱ ଏକ ଛାଣ୍ଟ ପାଇଁ ପାଠକୀୟ ଆଦୃତି ଲାଭ କରିଥିବା ପ୍ରଦୀପ ଏଥର 'ପ୍ରଥମ ବହି' ଅନୁଭୂତିରେ...


ସାହିତ୍ୟ ସାଧନାର ରାସ୍ତାରେ ସତ-ମିଛ, ବାସ୍ତବ-କଳ୍ପନାର ଅନୁଭୂତି ଧୂସର ହୋଇ ଆସିଥିବା ବେଳେ 'ପ୍ରଥମ ବହି' ପ୍ରକାଶର ଆନନ୍ଦ ପ୍ରତି ଲେଖକ ମନରେ ଆମୃତ୍ୟୁ ଅଭୁଲା ରହିଥାଏ। ମୋର ବି ମନେଅଛି- ଖୁବ୍ ପିଲାଦିନ, ଶୀତୁଆ ସଞ୍ଜ, ଛୋଟଛୋଟ ଚାଦରଟିମାନ ଘୋଡ଼ି ହୋଇ ବୁଢ଼ୀ ମା' ପାଖକୁ ଜଡ଼େଇ ହେଇ ଆମେ ପିଲା ସବୁ ବସିଥିବୁ। ଅଣ୍ଟିରେ କେବେ କେମିତି ମୁଢ଼ି, ବାଦାମ, ଚୁଡ଼ା, ଖଇ ଥିବ କି ନ ଥିବ, କିନ୍ତୁ ଗପର ପସରା ଖୋଲାଥିବ ବୁଢ଼ୀ ମା'ର। ସେ ଗପ- କଲୁରିବେଣ୍ଟ, କାଳିଦାସଙ୍କ ରହସ୍ୟ, ବୁଢ଼ୀ ଅସୁରୁଣୀ ଆଦି କ୍ରମେ ମନରୁ ହଜିଗଲାଣି, କିନ୍ତୁ ବୁଢ଼ୀ ମା'ର କହିବା ଚାତୁରୀ (କଳା) ଅପାସୋର ରହିଛି। ଅଗନାଅଗନି ବନସ୍ତ କହିବାବେଳେ ତା' ଦୀର୍ଘସ୍ୱର ସହ ଆଖି, ମୁହଁରେ ଗାଁ କଣ୍ଟେଇକୋଳି ବୁଦା ଦେଖିଥିବା ଆମେମାନେ ଅନୁଭବ କରିପାରୁ ଜଙ୍ଗଲ ଗୋଟାକର ସାନ୍ଦ୍ରତା। ବୁଢ଼ୀ ଅସୁରୁଣୀ କହିବା ଭଙ୍ଗୀରୁ ଦେଖି ହେଉଥିବ ଗୋଟେ ଭୟାନକ ନଖଦନ୍ତଯୁକ୍ତା ଅସୁରୁଣୀକୁ।

ବୋଧହୁଏ ସେବେଠୁଁ କାହାଣୀ କହିବାର କଳା ମୋତେ ଶିଖେଇଚି ଗଳ୍ପବିନ୍ଦୁ ସବଳ ହେଉ କି ଦୁର୍ବଳ, ଗଳ୍ପକାରିତାର ଚାତୁର୍ଯ୍ୟ ଗାଳ୍ପିକକୁ ରଚନା କ୍ଷେତ୍ରରେ ସଫଳତା ଦିଏ। ଧୀରେଧୀରେ ଗପ ପଢ଼ିବା ଏବଂ ନିଜେ ଲେଖିବାର ଦୁର୍ବାର ମୋହ ମୋତେ ଗାଳ୍ପିକ କରିଚି। ପ୍ରଥମ ଗଳ୍ପ ସଂକଳନ 'ମୌନ ଭଗ୍ନାଂଶ' ୨୦୦୦ ମସିହାରେ




ପ୍ରକାଶ ପାଇବା ପୂର୍ବରୁ ଏଥିରେ ସ୍ଥାନିତ ଗପଗୁଡ଼ିକ ବିଭିନ୍ନ ପତ୍ରପତ୍ରିକା ଓ ଦୈନିକ ଖବରକାଗଜର ପୃଷ୍ଠା ମଣ୍ଡନ କରି ସାରିଥିଲା। ତେବେ ପ୍ରଥମ ବହିର ସୁଦୃଶ୍ୟ ପାରିପାଟୀରେ ଏବଂ ବାଗ୍ମୀ ପ୍ରଫେସର ହୃଦାନନ୍ଦ ରାୟଙ୍କ କର କମଳରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଲୋକାର୍ପିତ ହେବାର ଅନୁଭୂତି ଥିଲା ସତରେ ରୋମାଞ୍ଚକର। 'ମୌନ ଭଗ୍ନାଂଶ'ର ଗାଳ୍ପିକ ଭାବରେ ମଞ୍ଚ ପାଖରେ ବସିଥିବା ପାଞ୍ଚ, ସାତ ଶହ ଦର୍ଶକଙ୍କ ଦୃଷ୍ଟିଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲି ମୁଁ। ମୋ' ବହିର ଏକ ସମୀକ୍ଷାତ୍ମକ ଛୋଟ ବକ୍ତବ୍ୟ ରଖିଥିଲେ କବି ଚିତ୍ତରଞ୍ଜନ ମିଶ୍ର। ତାଙ୍କ ସମୀକ୍ଷା ଓ ଉତ୍ସାହ ମୋତେ ମୋ' ଭିତରେ ଏକ ଗାଳ୍ପିକକୁ ନୂଆକରି ଆବିଷ୍କାର କରିବାର ପୁଲକପ୍ରଦ ଶକ୍ତି ଦେଉଥାଏ। ପ୍ରତ୍ୟୟ ମଧ୍ୟ ଦେଉଥାଏ ମୁଁ ଲେଖିପାରିବି। ପରେପରେ ଅନେକ ଶୁଭେଚ୍ଛୁଙ୍କ ପ୍ରଶଂସାପୂର୍ଣ୍ଣ ବଧେଇ ମୋ' ସମଗ୍ର ସତ୍ତାକୁ ମୋହମୟ କରି ଦେଉଥାଏ। ମୁଁ ଯେ ଏ ଭିତରେ କଥାକାରଟିଏ ହେଇ ସାରିଚି, ଅନ୍ୟ ଅନେକଙ୍କ ପରି ମୋ' ହାତଲେଖା ଅକ୍ଷର ବହିରେ ପ୍ରକାଶ ପାଇବା ପରି ଯୋଗ୍ୟତା ହାସଲ କରିଚି, ଏଇ ଅନୁଭବ ଅନେକ ଦିନ ଏମିତିକି ପରବର୍ତ୍ତୀ ବହି ପ୍ରକାଶଯାଏ ଛାଇ ହେଇ ରହିଥିଲା ମନରେ। ସତରେ ନିଜ ହାତରେ ରୋପିଥିବା ଗଛରେ ପ୍ରଥମ ଫୁଲ ଦେଖିବା ପରି ପ୍ରଥମ ବହି ପ୍ରକାଶର ଏ ବିମୁଗ୍ଧ ଅନୁଭବ।




## ବାଇ ବସିଛି ମଉନ ହେଇ, ହନୁ ଗେଲ କରୁଛି ଛୁଆକୁ- ଆଃ, ମନ ମୋହିଦେଲା 'ସାହିତ୍ୟାୟନ'!

ମହାଶୟ,

* ଚଢ଼େଇ ଚଞ୍ଚୁରେ ଚିନାବାଦାମ, ବାଇ ବସିଛି ମଉନ ହେଇ, ହନୁମାଙ୍କଡ଼ ଗେଲ କରୁଛି ଛୁଆକୁ- ଏପରି ପ୍ରଚ୍ଛଦରେ ପରିଶୋଭିତ 'ସାହିତ୍ୟାୟନ' (ଅକ୍ଟୋବର ୩୧- ନଭେମ୍ବର ୧୩) ମନ ମୋହିଦେଲା। 'ପ୍ରଥମ ବହି' କ୍ରମରେ ପ୍ରତାପବାବୁ 'ପାପ'ରୁ ଆରମ୍ଭ କରି 'ପ୍ରଜାପତିର ଡେଣା'- ମେଲି ଅନେକ ପୁଣ୍ୟ କରିସାରିବେଣି। 'ସତ୍ୟଶ୍ରୀ'ର ସମ୍ପାଦିକା ଦିବଂଗତା ସାଧିକା ପ୍ରତିଜ୍ଞା ଦେବୀଙ୍କୁ ପଢ଼ି ମନେପଡ଼ିଲା- ପଦ୍ମଶ୍ରୀ ମନୋଜ ଦାସ ଏତେ ପ୍ରତିଭାଦୀପ୍ତ ବୋଧେ ଏହି ଅନ୍ତଃସଲିଳା ମହିମାମୟୀ ପ୍ରତିଜ୍ଞା ଦେବୀଙ୍କ ସାହଚର୍ଯ୍ୟରୁ। କ୍ଷୀରକୋଳି ତ ଦୁହିଁଙ୍କର ଜୁଲି ଓ କୋଳିବିକା ବୁଢ଼ୀର ମନରୁ କାଳି ଧୋଇ ଦେଇ ହସର କ୍ଷୀର ବୋଳିଦେଲା। 'ସ୍ମରଣୀୟ' କ୍ରମରେ ତରୁଣବାବୁ ତରୁଣମାନଙ୍କର ତର୍ଜମା କରି ଲଭ୍‌ଗୁରୁ ସୁରଥ ଓ ଚେଲା କାର୍ତ୍ତିକକୁ ଆଲୋକବର୍ତ୍ତିକା ଦେଖାଇଛନ୍ତି- 'ସୂଚୀ ଚୁମ୍ବନଠାରୁ ଦୂରେଇ ରହିବାକୁ। ତାବିଜଟା ସେଇ ଅମାନିଆଁ ପ୍ରେମର ଦସ୍ତାବିଜ୍‌ଟିଏ। ସନ୍ତକଟାକୁ ଯେତେ ଦେଖୁଥିବ କାର୍ତ୍ତିକ ସେତେ ସନ୍ତୁଳି ହେଉଥିବ- ତିନିଟାର ବାପ ହେଲେ ବି! ମନର ତାପ ଏବେବି ବାଟ ଖୋଜୁଛି ଅଗ୍ନି ଉଦ୍‌ଗିରଣ ପାଇଁ। ମୀରାବେନ୍‌ଙ୍କ 'ସରଳତାର ସୌନ୍ଦର୍ଯ୍ୟ'ର ଚମତ୍କାର ଆକଳନଟିଏ କରିଛନ୍ତି ଡ. ସୁଲୋଚନା ଦାସ। କବିତା ବଜାର ଏଥର ଛୋଟ ଅକ୍ଷର ଯୋଗୁଁ ନିଷ୍ପ୍ରଭ ଲାଗୁଛି। ତଥାପି ହିନ୍ଦୀ ଅନୁବାଦ କବିତା 'ପ୍ରେମ', ଅଙ୍ଗେନିଭା କଷ୍ଟ କଥା- କବିତାରେ କହନାରେ ବାଇମନ, ଲୋକେ ତାକୁ ନିଜ କଥା ଭାବି ଦୁଃଖରେ ବତୁରିଯିବେ/ (ବର୍ଷା) କାଲି ଜୋର୍‌ରେ ବର୍ଷା କରେଇ ଦିଅ ହେ ପ୍ରଭୁ ସ୍କୁଲ ଛୁଟି ହେଇଯାଉ, କିନ୍ତୁ ଆଜି ବର୍ଷା ହୁଅନ୍ତା କି ନ ହେଲେ ଦରମା କଟିବ। ଅମ୍ରିତା ପୋଦାରଙ୍କ ''ଦୀପ ଜଳୁଥିଲା, ସ୍ମୃତି ଜଳୁଥିଲା, ଆମେ ଜଳୁଥିଲେ ନିତି, ଦୀପ ଲିଭିଗଲା ଅନ୍ଧାର ହୋଇଲା, କ୍ଷଣପ୍ରଭ କି ପୀରତି!'' ଆଉ ଚାଷୀକୁ କିଏବା ବାସିରେ ପଚାରେ!

***– ସୁସ୍ମିତା ପୁରୋହିତ, ସଦେଇପାଲି, ବୁର୍ଲା, ସମ୍ବଲପୁର***

* 'ସାହିତ୍ୟାୟନ' (ଅକ୍ଟୋବର ୩୧-ନଭେମ୍ବର ୧୩)ର କବିତା ପଢ଼ିବାରେ କଷ୍ଟ ହେଲା। ଏତେ ଛୋଟ ଅକ୍ଷର ଦେଲେ କାହିଁକି? ଏହାଦ୍ୱାରା କମ୍ ଜାଗାରେ ଅଧିକ କବିତା ଦିଆଯାଇ ପାରୁଛି କି? ଏକଥା ଦେଖିବେ। କବିତା ପାଇଁ ଦୁଇ ପୃଷ୍ଠା ଦେଇପାରିଲେ ଭଲହୁଅନ୍ତା।

**– ମନୋରଞ୍ଜନ ମିଶ୍ର, ଗାନ୍ଧିଛକ, ବଉଦରାଜ, ବୌଦ୍ଧ**

ଆମ ଉତ୍ତର: ଅସାବଧାନତା ଯୋଗୁଁ ଅକ୍ଷର ଛୋଟ ହୋଇଯାଇଛି। ଏହାର ପୁନରାବୃତ୍ତି ହେବ ନାହିଁ। କବିତା ପାଇଁ ଦୁଇ ପୃଷ୍ଠା ଦିଆଯିବାକୁ ଆପଣ କରିଥିବା ଅନୁରୋଧ ବିଚାର କରାଯିବ। 'ସାହିତ୍ୟାୟନ' ପ୍ରତି ଆପଣଙ୍କ ଆନ୍ତରିକତା ପାଇଁ ଧନ୍ୟବାଦ।

***– ସାହିତ୍ୟାୟନ***

* 'ସାହିତ୍ୟାୟନ' (ଅକ୍ଟୋବର ୩୧- ନଭେମ୍ବର ୧୩)ରେ ସମୁଦାୟ ବାରଟି ପୂଜା ପତ୍ରିକା ସମୀକ୍ଷା କରାଯାଇଛି। ସେଗୁଡ଼ିକ ହେଲା- ସାବିତ୍ରୀ, ଶୋଭନା, ଅର୍ପିତା, ଅତଏବ ଅ, ପୁନଶ୍ଚ ଉତ୍କଳପ୍ରଭା, ପଞ୍ଚବଟୀ, ଚିର ସମର୍ଥା, ଶିଳାଶ୍ରୀ, ସୃଜନ ସ୍ୱପ୍ନ, ଅପୂର୍ବା, ତୀରତରଙ୍ଗ, ଦିଗ୍‌ବଳୟ। ଏମାନେ ସବୁ ନିଶ୍ଚିତ ଭାବରେ ଭାଷା ସ୍ୱାଭିମାନର ଜାଗ୍ରତ ପ୍ରହରୀ। ଓଡ଼ିଆ ଭାଷା ସାହିତ୍ୟ ମରିଯାଉଛି ବୋଲି ଯେଉଁମାନଙ୍କର ଧାରଣା, ଏ ସମୀକ୍ଷା ପଢ଼ିଲେ ସେମାନଙ୍କର ହୃଦ୍‌ବୋଧ ହେବଯେ ଏପରି ଆଶଙ୍କା ନିଶ୍ଚିତ ଭାବରେ ମିଥ୍ୟା। ଏସବୁ ପତ୍ରିକା ପ୍ରମାଣ କରିଦେଉଛି ଓଡ଼ିଆ ଭାଷା ସାହିତ୍ୟ ମରିବାର ପ୍ରଶ୍ନ ଉଠୁନି।

***– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ***

* ସୁନ୍ଦର ଆକର୍ଷଣୀୟ ପ୍ରଚ୍ଛଦପଟ ସମ୍ବଳିତ ଅକ୍ଟୋବର ୩୧- ନଭେମ୍ବର ୧୩ ସଂଖ୍ୟା 'ସାହିତ୍ୟାୟନ' ପତ୍ରିକାଟି ସୁନିର୍ବାଚିତ ଗଳ୍ପ ଓ କବିତାରେ ଭରପୂର ଥିଲା। ତେବେ କବିତା ପୃଷ୍ଠାରେ ପ୍ରକାଶିତ ଲେଖାଗୁଡ଼ିକ ମୁଦ୍ରଣଜନିତ ତ୍ରୁଟି ନା ଇଚ୍ଛାକୃତ! କାରଣ, ସେଇ ପେଜ୍‌ରେ ଅଧିକ ଜାଗା ଥିବା ସତ୍ତ୍ୱେ ଏତେ ଟିକିଟିକି ଅକ୍ଷରରେ କବିତା ପ୍ରକାଶ କରିବା ଉଚିତ ମନେ ହେଲାନାହିଁ। ପ୍ରତାପ ବିଶ୍ୱାଳଙ୍କ ପ୍ରଥମ ବହି 'ପାପ'କୁ ନେଇ ତାଙ୍କ ଅନ୍ତରର ଆବିଳତାପୂର୍ଣ୍ଣ ଭାବାବେଗ ବେଶ୍ ମର୍ମସ୍ପର୍ଶୀ। ଡ. ସୁଲୋଚନା ଦାସଙ୍କ ରମ୍ୟ ରଚନା 'ସରଳତାର ସୌନ୍ଦର୍ଯ୍ୟ' ସମୟୋପଯୋଗୀ ଏକ ସୁନ୍ଦର ଆଲେଖ୍ୟ। 'ପହିଲି ପୁଲକ' ସ୍ତମ୍ଭରେ ସିପୁନୁ ଜେନାଙ୍କ ଅଙ୍ଗେନିଭା ଅନୁଭୂତି ପଢ଼ି ଖୁସିଲାଗିଲା। 'ପ୍ରଦକ୍ଷିଣ' ସ୍ତମ୍ଭରେ ସ୍ଥାନିତ ପ୍ରତିଜ୍ଞା ଦେବୀଙ୍କ 'କ୍ଷୀରକୋଳି' ଗଳ୍ପ ଖୁବ୍ ମର୍ମସ୍ପର୍ଶୀ। ହାସ୍ୟ ଲେଖକ ଫତୁରା ନନ୍ଦଙ୍କ ଲେଖା ପ୍ରକାଶ କରିବାକୁ ବିଶେଷ ଅନୁରୋଧ।

***– ବିନୋଦ ବିହାରୀ ବେହେରା, ନୂଆସାହି, ନୂଆବଜାର, କଟକ***

ଆଉ ଉତ୍ତର: ଫତୁରା ନନ୍ଦଙ୍କ ଲେଖା ପ୍ରକାଶ ପାଇଁ ଆପଣଙ୍କ ଅନୁରୋଧ ଆମେ ମନେରଖିଲୁ। ଭବିଷ୍ୟତରେ ଏଥିପ୍ରତି ଧ୍ୟାନ ଦେବୁ।

***– ସାହିତ୍ୟାୟନ***

* ଅକ୍ଟୋବର ମାସ ଅନ୍ତିମ ତାରିଖ 'ସାହିତ୍ୟାୟନ'ରେ ସ୍ଥାନିତ ବରିଷ୍ଠ ଗାଳ୍ପିକ ତରୁଣ କୁମାର ସାହୁଙ୍କ 'ତାବିଜ, ଗୁଣ୍ଠୁଚିମୂଷା ଓ ପ୍ରେମ' 'ସ୍ମରଣୀୟ' ପୃଷ୍ଠାକୁ ଏକ ନୂତନ ଦୀପ୍ତି ପ୍ରଦାନ କରିଛି। ମହାତ୍ମା ଗାନ୍ଧୀଙ୍କ ଦେଢ଼ଶହତମ ଜନ୍ମବର୍ଷରେ ଡ. ସୁଲୋଚନା ଦାସ 'ସରଳତାର ସୌନ୍ଦର୍ଯ୍ୟ' ଆଲେଖ୍ୟ ମାଧ୍ୟମରେ ଜଣେ ବିଦେଶିନୀ 'ମାଡେଲିନ୍ ସ୍ଲେଡ୍' ଗାନ୍ଧିମାର୍ଗରେ ଅନୁପ୍ରେରିତ ହୋଇ କିପରି ସାରା ଦେଶରେ 'ମୀରାବେନ୍' ନାମରେ ପରିଚିତ ହେଲେ, ଚୁମ୍ବକରେ ଏହି ସରଳ ସାଧାରଣ ନାରୀ ଚରିତ୍ରଟିକୁ ବର୍ଣ୍ଣନା କରିଛନ୍ତି। ପ୍ରତିଜ୍ଞା ଦେବୀଙ୍କ ଗଳ୍ପ 'କ୍ଷୀରକୋଳି'ରେ ଠକାମିର ଶିକାର ହୋଇଥିବା ଜୁଲି ଓ ଠକିଥିବା ବୁଢ଼ା ଉଭୟଙ୍କ ମୁଖରେ ହସ ଫୁଟାଇ ପାରିଛନ୍ତି ଗାଳ୍ପିକା ଉପସଂହାରରେ। ଡ. ମଣୀନ୍ଦ୍ର କୁମାର ମେହେରଙ୍କ 'ପ୍ରଦୀପ ସେ ପ୍ରାର୍ଥନାର' ବେଶ୍ ଉତ୍ତୀର୍ଣ୍ଣ। କୁଜଙ୍ଗ ଗାନ୍ଧୀଙ୍କ ଦୁହିତା, ଏ ଯୁଗର ବିଷ୍ଣୁଶର୍ମା ମନୋଜ ଦାସଙ୍କ ପତ୍ନୀ ଭାବେ ପୁତ୍ରହରା ପ୍ରତିଜ୍ଞା ଦେବୀ ଉଚ୍ଚଶିକ୍ଷିତା ହୋଇ ଆଡୁଆଳରେ ରହିଯିବା ବିଚିତ୍ର ମନେହୁଏ। କବିତା ପୃଷ୍ଠାରେ ମୃଣାଳଙ୍କ ଅନୂଦିତ ତିନୋଟି ହିନ୍ଦୀ କବିତା, ଅସୀମା ସାହୁଙ୍କ 'କିଏ ଟିକେ', ବିନ୍ଦୁସାଗର ଓଝାଙ୍କ 'ଚାଷୀ' ଓ ଅୟସ୍‌କାନ୍ତଙ୍କ 'ସ୍ପର୍ଶ' ଭଲ ଲାଗିଲା।

***– ପ୍ରତାପ ଚନ୍ଦ୍ର ପାଢ଼ୀ, ଆଙ୍କୋଲୀ, ବ୍ରହ୍ମପୁର, ଗଞ୍ଜାମ***

**ସାହିତ୍ୟାୟନ**

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ସାହିତ୍ୟିକର ଯାତ୍ରା ଏକ ଏକଲା ଯାତ୍ରା, ଜୀବନବ୍ୟାପୀ ଯାତ୍ରା...

ସୃଜନ ଆଳାପ



ଗୋବିନ୍ଦ ମିଶ୍ର

**ଗୋବିନ୍ଦ ମିଶ୍ର**ଙ୍କ ଜନ୍ମ ୧୯୩୯ରେ, ଉତ୍ତର ପ୍ରଦେଶର ଅତର୍ରା (ବାନ୍ଦା)ରେ। ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ଇଂଲିଶ୍ ସାହିତ୍ୟରେ ଏମ୍.ଏ.। ୧୯୫୯ରୁ ୬୧ ଅଧ୍ୟାପନା ଓ ୧୯୬୧ରୁ ଭାରତୀୟ ରାଜସ୍ୱ ସେବାରେ ଯୋଗଦାନ, ସଚିବ ପାହ୍ୟାରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ଼ର ଅଧ୍ୟକ୍ଷ ଥାଇ ସେବାନିବୃତ୍ତ ଶ୍ରୀ ମିଶ୍ରଙ୍କ ପାଇଁ ୧୯୬୫ରୁ ସାହିତ୍ୟ ହୋଇଛି ଜୀବନବ୍ରତ। ଏ ଯାବତ୍ ସେ ୧୨ଟି ଉପନ୍ୟାସ, ୧୪ଟି ଗଳ୍ପଗ୍ରନ୍ଥ, ୬ଟି ଭ୍ରମଣ କାହାଣୀ, ୭ଟି ନିବନ୍ଧ ପୁସ୍ତକ, ୩ଟି ଶିଶୁ ସାହିତ୍ୟ ଗ୍ରନ୍ଥ, ଗୋଟିଏ କବିତା ବହିର ସ୍ରଷ୍ଟା। ଭାରତୀୟ ସାହିତ୍ୟ, ବିଶେଷ କରି ହିନ୍ଦୀ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ମିଳିଛି ୧୯୯୮ରେ 'ବ୍ୟାସ ସମ୍ମାନ' ('ପାଞ୍ଚ୍ ଆଁଗନୌଁ ୱାଲା ଘର' ଉପନ୍ୟାସ ପାଇଁ), ୨୦୦୦ରେ 'ସୁବ୍ରମଣ୍ୟ ଭାରତୀ ପୁରସ୍କାର', ୨୦୦୮ରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ('କୋହରେ ମେଁ କୈଦ୍ ରଙ୍ଗ୍' ଉପନ୍ୟାସ ପାଇଁ) ଓ ୨୦୧୩ରେ 'ସରସ୍ୱତୀ ସମ୍ମାନ' ('ଧୂଲ୍ ପୌଧୋଁ ପର୍' ଉପନ୍ୟାସ ପାଇଁ)। ଓଡ଼ିଶା ଆସିବା ଅବକାଶରେ ଗତ ଅକ୍ଟୋବର ୨୭ରେ ତାଙ୍କୁ ଭେଟି ଧରିତ୍ରୀ ପକ୍ଷରୁ ଏହି ସାକ୍ଷାତ୍କାରଟି ଗ୍ରହଣ କରିଛନ୍ତି **ଡ. ହୃଷୀକେଶ ମଲ୍ଲିକ** ଓ **ଡ. ବସନ୍ତ କୁମାର ପଣ୍ଡା**।



**ପ୍ର: ଆପଣଙ୍କ ପ୍ରଥମ ଗଳ୍ପ କେବେ ପ୍ରକାଶ ପାଇଥିଲା ଓ ସେ ସମୟରେ ସାହିତ୍ୟିକ ପାଣିପାଗ କିପରି ଥିଲା ?**

**ଉ:** ମୋର ପ୍ରଥମ ଗଳ୍ପ ୧୯୬୫ରେ ପ୍ରକାଶ ପାଇଲା, ବାଲକୃଷ୍ଣ ରାଓଙ୍କ ସଂପାଦିତ 'ମାଧ୍ୟମ' ପତ୍ରିକାରେ । ସେତେବେଳକୁ ମୋତେ ୧୪ବର୍ଷ ବୟସ। ଗଳ୍ପଟିର ନାଆଁ ଥିଲା– 'ନୟେ ପୁରାନେ ମାଆବାପ୍'। ମୁଁ ଲେଖା ଆରମ୍ଭ କଲାବେଳେ ଲାଗୁଥିଲା ଯେମିତି ଏକ ଛାୟାପ୍ରଦ ବୃକ୍ଷ ତଳେ ମୁଁ ବସିଛି। ଅଜ୍ଞେୟ, ଜୈନେନ୍ଦ୍ର କୁମାର, ଅମୃତଲାଲ ନାଗରଙ୍କ ଭଳି ଉଚ୍ଚମାନର ଲେଖକମାନେ ନିଜନିଜ ଲେଖାରେ ଜୀବନକୁ ପ୍ରାଧାନ୍ୟ ଦେଉଥିଲେ। ନୂଆ ଲେଖକମାନଙ୍କ ପ୍ରତି ଏମାନଙ୍କର ସ୍ନେହ ଥିଲା ଅପାର। ଆଜି ସେ ଦିନ ନାହିଁ। ଲେଖକ–ଲେଖକ ମଧ୍ୟରେ, ପିଢ଼ି–ପିଢ଼ି ମଧ୍ୟରେ 'ସ୍ନେହପୂର୍ଣ୍ଣ ସମ୍ବାଦ' ଖତମ୍ ହୋଇଯାଇଛି। ପୂର୍ବଜମାନେ ଅନୁଜଙ୍କୁ ଲେଖକ ଭାବେ ଉଠାଇବାରେ ହୁଏତ ସଫଳ ହୋଇ ନ ପାରନ୍ତି, କିନ୍ତୁ ଅନୁପ୍ରେରିତ କରିବେ ନିଶ୍ଚୟ।

**ପ୍ର: ନୂଆ ପିଢ଼ିର ଲେଖିକାଲେଖକ ପୁରୁଣା ପିଢ଼ିଠୁଁ ଦୂରେଇ ଯାଉଥିବା ଆପଣ ଲକ୍ଷ୍ୟ କରନ୍ତି କି ?**

**ଉ:** ନୂଆ ପିଢ଼ିର ଲେଖିକା ଲେଖକମାନଙ୍କ ମଧ୍ୟରୁ ଅଧିକାଂଶ କିପରି ଶୀଘ୍ର ପୁରସ୍କୃତ ହେବେ, ଶୀଘ୍ର ପ୍ରତିଷ୍ଠିତ ହୋଇଯିବେ– ଏଇଥିରେ ବ୍ୟସ୍ତ। ପୁରୁଣା ପିଢ଼ିରେ ଏପରି ନ ଥିଲା। ନୂଆ ପିଢ଼ିରେ ଏପରି କେତେକ ଲେଖକ ଅଛନ୍ତି, ଯେଉଁମାନେ ଖାଲି ଶୈଳୀରେ ଘାଣ୍ଟି ହେଇ ବରବାଦ୍। ଜଣେ ଯାହା ଲେଖୁଛି, ତାହା ତା' ଭିତରୁ ଆସିବା ଦରକାର। ନୂଆ ପିଢ଼ିରେ ଏପରି ହେଉଛି କ୍ୱଚିତ୍। ମୋ' ପର ପିଢ଼ିରେ ମୁଁ ଗୋପୀନାଥ ମହାନ୍ତି, ଶିବରାମ କରନ୍ଥ, ଅମୃତଲାଲ୍ ନାଗର ଓ ଜୈନେନ୍ଦ୍ର କୁମାରଙ୍କୁ ହରାଇ ବସୁଛି। ଯତୀନ୍ଦ୍ର ମିଶ୍ର ବୋଲି ଲକ୍ଷ୍ନୌର ଜଣେ କବି ଓ ଲେଖକ ମୋତେ ଥରେ କହିଥିଲେଯେ, ଆପଣଙ୍କ ପିଢ଼ି ପରେ ଆଉ କେହି ସେପରି ଉଠିଆସୁ ନାହାନ୍ତି।

**ପ୍ର: ସାହିତ୍ୟରେ ଆପଣ କିଭଳି ପାଠକ ଆଶା କରନ୍ତି ?**

**ଉ:** ପ୍ରତି ସଚ୍ଚୋଟ ପାଠକ ପାଇଁ ବହି ଏକ ଅଭିନ୍ନ ବସ୍ତୁ। ଯେତେବେଳେ ସେ ବହିଟିଏ ପଢ଼େ, ସେତେବେଳେ ତା'ର ମନେହୁଏଯେ ସେଇ ବହିଟିର ଲେଖକ ତା' ସାମ୍ନାରେ ବସିଛି। ଅପରପକ୍ଷରେ ଜଣେ ସତ୍‌ଲେଖକ ମନେକରେଯେ ତା'ର ଲେଖାଟି ପାଠକ ଭିତରୁ ଜନ୍ମ ହୋଇଛି। ପାଠକକୁ ଏକ ଜୁନିୟର ଲେଖକ ଭଳି ହେବାକୁ ପଡ଼ିବ।

**ପ୍ର: ଜଣେ ଲେଖକର କେଉଁକେଉଁ ଗୁଣ ରହିବା ଉଚିତ ବୋଲି ଆପଣ ମନେକରନ୍ତି ?**

**ଉ:** ଅନେକେ ମନେ କରନ୍ତିଯେ ଜଣେ ଲେଖକ 'ମହତ୍ୱପୂର୍ଣ୍ଣ ମଣିଷ'ଟିଏ ହେବା ଜରୁରୀ, କିନ୍ତୁ ମୋର ମତ ଭିନ୍ନ। ଜଣେ ମହତ୍ୱପୂର୍ଣ୍ଣ ମଣିଷ ସବୁବେଳେ ଭଲ ଲେଖକ ହୋଇପାରେ ନାହିଁ। ଜଣେ ସଫଳ ଲେଖକ ହେବାକୁ ହେଲେ କମ୍‌ଜୋରି ବା ଗଧାପଣ ବି ଜରୁରୀ। ଦସ୍ତୋଭସ୍କି ତାଙ୍କର 'Crime & Punishment' ବହିରେ କମ୍ ତାକତର ଚରିତ୍ରକୁ ବିଶିଷ୍ଟ କରି ଦେଇଛନ୍ତି। ମୋର ଏକ କାହାଣୀ ଅଛି 'ମାଇକେଲ ଲୋବୋ'। ନାଗପୁରର ଜଣେ ଓକିଲ, ଯେ କି ଖୁବ୍ ନିଶାସକ୍ତ ଥିଲେ ; ତାଙ୍କ ଝିଅର ଗୋଟିଏ ମାତ୍ର ବାକ୍ୟ କିପରି ତାଙ୍କୁ ନିଶାସକ୍ତିରୁ ଦୂରେଇ ଆଣିଥିଲା ଓ ପରବର୍ତ୍ତୀ ଜୀବନରେ ସେ ନିଶାମୁକ୍ତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ– ତାହା ଗପଟିର ପ୍ରସଙ୍ଗ। ମଦ୍ୟପାନ କରି ଏଠିସେଠି ଗଡୁଥିବା ବାପାଙ୍କୁ ତାଙ୍କ ଝିଅ କହିଥିଲେ– "ବାପା, ମୁଁ ତୁମକୁ କେତେଦିନ ଏହିପରି ଉଠାଉଥିବି !" କମ୍‌ଜୋରି କିପରି ଜଣେ ମଣିଷର ଜୀବନକୁ ମହତ୍ତର କରିପାରେ, ଏହା ତା'ର ଏକ ଦୃଷ୍ଟାନ୍ତ। ଏହି ଅସତ୍ ଦୁନିଆରେ ଜଣେ ସତ୍ ଲେଖକ ଖୁବ୍ ସଚ୍ଚା ଓ ସତ୍ୟବାନ୍ ହେବା ଦରକାର। ସେ ବିଦ୍ରୋହୀ ହେବ, କିନ୍ତୁ ତା' ଲେଖା ଏକ ବିପ୍ଳବ ଆଣିବ ; ଏପରି ଅହମିକା ତା'ର ନ ରହିବା ଉଚିତ।

**ପ୍ର: ସର୍ଜନଶୀଳ ସାହିତ୍ୟରେ 'କୃତ୍ରିମ ମେଧା' (Artificial Intelligence)ର ଉପଯୋଗ କରାଯାଇ ପାରିବ କି ?**

**ଉ:** 'କୃତ୍ରିମ ମେଧା'ର ଉପଯୋଗ କରି ସର୍ଜନଶୀଳ ସାହିତ୍ୟ ରଚନା ପାଇଁ ଉଦ୍ୟମ ଏବେ ହେଉଛି। କିନ୍ତୁ ଏହା ଫଳବତୀ ହେବ କ୍ୱଚିତ୍। କାରଣ ଜଣେ ଲେଖକଠାରୁ ଅନ୍ୟ ଜଣେ ଲେଖକର ଯେଉଁ ପ୍ରଭେଦ ବା ଲେଖକର ଯେଉଁ ସ୍ୱତଂତ୍ରତା, ତାହା 'କୃତ୍ରିମ ମେଧା'ର ଉପଯୋଗ ଦ୍ୱାରା କଦାପି ସମ୍ଭବ ନୁହେଁ। ତା'ଛଡ଼ା ହାସ୍ୟ, ବ୍ୟଙ୍ଗ, ସଂବେଦନା, ରସ (humour) ଓ ରହସ୍ୟ, ଯାହା ଲେଖକର ଅନ୍ତଃକରଣରୁ ହିଁ କେବଳ ଆସେ, ତାହା 'କୃତ୍ରିମ ମେଧା' ଦ୍ୱାରା ସମ୍ଭବ ହେବ କିପରି ? ପ୍ରକୃତି ସହ ଲେଖକର ଯେଉଁ ପ୍ରତ୍ୟକ୍ଷ ସମ୍ବନ୍ଧ, ତା'ର ଚିତ୍ର 'କୃତ୍ରିମ ମେଧା' ଦେଇପାରିବ ନାହିଁ। କହିଛି ତ ଅତି ଚାଲାକ ଲୋକ ଲେଖକ ହେଇପାରିବ ନାହିଁ। ବିଶ୍ୱ–ସମନ୍ୱୟ ଏହା ଦ୍ୱାରା ବ୍ୟାହତ ହେବ। ତା'ଛଡ଼ା ଅତିମାନବ (Super Human) ଦିନେ ମାନବ (Human)କୁ ତଡ଼ି ଦେବାର ଆଶଙ୍କା ବି ରହିଛି।

**ପ୍ର: ଏକ ଉତ୍ତୀର୍ଣ୍ଣ ସାହିତ୍ୟକୃତିରେ କ'ଣ କ'ଣ ବୈଶିଷ୍ଟ୍ୟ ରହିବା ଉଚିତ ବୋଲି ଆପଣଙ୍କର ହୃଦ୍‌ବୋଧ ହୁଏ ?**

**ଉ:** ୧. ରହସ୍ୟ (Mystery), ୨. ଅପରଠୁଁ ଭିନ୍ନତା (Originality), ୩. ସୌନ୍ଦର୍ଯ୍ୟବୋଧ, ୪. ଜୀବନ–ସମ୍ପୃକ୍ତି (ସଂସାରରେ ଜିଇବା ହିଁ ସବୁଠୁଁ ବଡ଼ କଷ୍ଟ। 'ଦୁଃଖ ଦାରୁଣମ୍'– ଏହି ଅନୁଭୂତିରେ ଉପନୀତ ହେବା)। ସାହିତ୍ୟର ମୁଖ୍ୟ ବିଭବ ସର୍ବୋପରି– ପ୍ରେମ, କରୁଣା ଓ ସଂପୃକ୍ତି (ଯୁଡ଼ାଓ)।

**ପ୍ର: 'ସାହିତ୍ୟ' ଆଧ୍ୟାତ୍ମିକତା ଆଡ଼କୁ ଏକ ଯାତ୍ରା କି ?**

**ଉ:** ହଁ। ମଦ୍ୟପାନକୁ ନେଇ ମୋର ସେ ଗପ 'ମାଇକେଲ ଲୋବୋ' କଥା କହୁଥିଲି। ଜନ୍ ଲୋଗୋ ଗଳ୍ପଟିର ଚରିତ୍ର। ମାଇକେଲ୍ ଲୋବୋଙ୍କ ଜୀବନରେ ଯିଏ ପରିବର୍ତ୍ତନ ଆଣିଲା, ସେ ତାଙ୍କର ୧୦ବର୍ଷର ଝିଅ ରୁଥ୍। ମଦ୍ୟପାନ ଛାଡ଼ିବା ପରେ ଥରେ ଜଣେ ସ୍ତ୍ରୀଲୋକ ତାଙ୍କ ପାଖକୁ ଆସି ତା' ପିଠିର ମାଡ଼ ଦାଗ ଦେଖାଇ ଅନୁନୟ ହୋଇ କହିଲା– ମୋ' ସ୍ୱାମୀଙ୍କୁ ତୁମେ ବଦଳାଇ ଦିଅ। ମଦ୍ୟପାନର ପରିଣତି ସୂଚାଇଦିଏ ତମେ କିପରି ଈଶ୍ୱରଙ୍କଠୁଁ ଦୂରେଇ ଆସିଛ। ଲେଖକ ହିଁ ସେଇ ଲୋକ, ଯିଏ ମଣିଷର ଗତିକୁ ଆଧ୍ୟାତ୍ମିକତା ଆଡ଼କୁ ସୁନିଶ୍ଚିତ କରାଇଥାଏ।

**ପ୍ର: ଭଲ ଲେଖା କାହାକୁ କୁହାଯିବ ?**

**ଉ:** ସେଇ ଲେଖା ଭଲ ଲେଖା, ଯାହା ପାଠକକୁ ବିଚଳିତ କରିଦେବାର ଶକ୍ତି ରଖେ। ଲେଖାଟିରେ ଲେଖକ କିଛି ଅତିରିକ୍ତ ଅର୍ଥ, ଅନୁଭବ, ରହସ୍ୟ ଲୁଚାଇ ରଖିଥାଏ ଓ ସବୁ ମିଶି ଲେଖାଟି ଭିନ୍ନ ଓ ମୌଳିକ ହୋଇ ଉଠିଥାଏ। ଜଣେ ଲେଖକର ବ୍ୟକ୍ତିତ୍ୱ (Individuality) ତା'ଲେଖାରେ ଫୁଟି ଉଠୁଥିବା ଆବଶ୍ୟକ। ଲେଖାଟିର ବିଷୟ ପରିଚିତ ମନେ ହେଉଥିବ, କିନ୍ତୁ ଅପରିଚିତ ହୋଇଥିବ ତା'ର ଦୃଷ୍ଟିକୋଣ। ଭିତରୁ ଏହା ପାଠକକୁ ପ୍ରଭାବିତ କରିବାର କ୍ଷମତା ରଖୁଥିବ। ଲେଖାର ଭାଷା ଓ ପ୍ରସଙ୍ଗ ଚିହ୍ନା ବାଟକୁ ଭାଂଗି ନୂଆ ବାଟ ତିଆରି କରୁଥିବ। 'କୋହରେ ମେଁ କଏଦ୍ ରଂଗ୍' ଶୀର୍ଷକରେ ମୋର ଏକ ଗଳ୍ପ ଅଛି, ଯହିଁରେ 'ନାନୀ' ବୋଲି ଚରିତ୍ରଟିଏ ରହିଛି। ଗଳ୍ପଟି ପଢ଼ି ଆମେରିକାର ଜଣେ ମହିଳା ଆତ୍ମହତ୍ୟାରୁ ନିଜକୁ କ୍ଷାନ୍ତ କରିପାରିଥିଲେ ବୋଲି ମୋତେ ଲେଖିଛନ୍ତି। "Literature can cause such surprises, who is the reader I don't know."

**ପ୍ର: ନୂଆ ପିଢ଼ିର ଲେଖକଙ୍କ ଲେଖାରେ କି ସ୍ୱାତନ୍ତ୍ର୍ୟ ଆପଣ ଲକ୍ଷ୍ୟ କରୁଛନ୍ତି ?**

**ଉ:** ପ୍ରତ୍ୟେକ ପିଢ଼ିର ଏକ ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ଆମ ପୂର୍ବର ଲେଖକଙ୍କ ଲେଖାରେ ମନସ୍ତତ୍ତ୍ୱର ସ୍ପର୍ଶ କେବଳ ଥିଲା, କିନ୍ତୁ 'Complexity of reality' ନ ଥିଲା, ଯାହା ଆମେ କଲୁଁ। ୧୯୭୭ରେ 'ରାଜକମଲ୍' ପ୍ରକାଶ କରିଛନ୍ତି ମୋର ଉପନ୍ୟାସ 'ତୁହ୍ମାରୀ ରୋଶ୍‌ନୀ ମେ'। ଏହାର ବିଷୟ– ଜଣେ ସ୍ତ୍ରୀଲୋକର କ୍ଷମତା ଅଛି, ସୁନ୍ଦରୀ, ଧନୀ। ମାତ୍ର ପ୍ରେମାନୁଭବର ଶକ୍ତି ନାହିଁ। ଏପରି ବିଷୟକୁ ନେଇ ଆମ ପୂର୍ବ ପିଢ଼ିର ଲେଖକମାନେ କ୍ୱଚିତ୍ ଲେଖୁଥିଲେ।

**ପ୍ର: ଆପଣ ଆପଣଙ୍କ ପରବର୍ତ୍ତୀ ପିଢ଼ିର କେଉଁ ଲେଖକଙ୍କ ନାଁ ନେବେ, ଯେଉଁମାନେ ବାରି ହୋଇ ଯିବା ପରି ଉଜ୍ଜ୍ୱଳ ?**

**ଉ:** ପ୍ରିୟମ୍ୱଦ୍, ରାକେଶ୍ ମିଶ୍ର, ଚନ୍ଦନ ପାଣ୍ଡେ ଓ ମନୋଜ କୁମାର ପାଣ୍ଡେ। ଏମାନେ ସମସ୍ତେ ଗାଳ୍ପିକ।

**ପ୍ର: ଏବେ ଚାରିଆଡ଼େ 'Lit–fest' ର ଧୂମ୍‌ଧଡ଼କା – ଏ ନେଇ ଆପଣଙ୍କ ପ୍ରତିକ୍ରିୟା କ'ଣ ?**

**ଉ:** ଏଥିରେ ସାହିତ୍ୟର ଗମ୍ଭୀରତା / ବିଶିଷ୍ଟତା ପ୍ରତିପାଦନର ଉଦ୍ୟମ ନାହିଁ। ସାହିତ୍ୟକାର ସାହିତ୍ୟ ପାଇଁ ଯେଉଁ କଷ୍ଟ ଉଠାଇବା କଥା, ଏ ସବୁ ଆୟୋଜନରେ ତାହା ଦୃଶ୍ୟମାନ ହୁଏ ନାହିଁ। ସବୁଠି Mediocracy ର ଖେଳ। ଯାଇତାଇ ନୁହେଁ, ମୋ' ମତରେ ବିଶିଷ୍ଟ ଲିଖନ ହିଁ ସାହିତ୍ୟ। ବିଶ୍ୱରେ ଏବେ ଯତ୍ରତତ୍ର ତାନାସାହି ପ୍ରବୃତ୍ତି ମୁଣ୍ଡଟେକି ଉଠୁଥିବାରୁ ସାହିତ୍ୟିକର ଦାୟିତ୍ୱ ଯେ କେତେ ବଢ଼ିଯାଇଛି, ଜଣେ ଲେଖକ ତାହା ହୃଦୟଙ୍ଗମ କରିବା ଜରୁରୀ।

**ପ୍ର: ସାହିତ୍ୟର ଭବିଷ୍ୟତ ନେଇ ଆପଣ କ'ଣ କହିବେ ?**

**ଉ:** ସାହିତ୍ୟ ତା'ର ଗତି ଅବ୍ୟାହତ ରଖିବ। ସବୁ ବିଶୃଙ୍ଖଳା ଭିତରେ ଲେଖକର ଅନ୍ତଃସ୍ୱର କଦାପି ମରିଯିବ ନାହିଁ। ଏପରି ଲେଖକଙ୍କ ସଂଖ୍ୟା ହୁଏତ କମ୍ ହୋଇପାରେ।

**ପ୍ର: ନିଜ ସୃଜନକର୍ମକୁ ନେଇ ହାତରେ ଥିବା ଯୋଜନା ?**

**ଉ:** 'ଖିଲାଫତ୍' ହେବ ମୋର ପରବର୍ତ୍ତୀ, ତ୍ରୟୋଦଶ ଉପନ୍ୟାସ। ମୁସଲିମ୍ ଦୃଷ୍ଟିକୋଣରୁ ଏହାର ପରିକଳ୍ପନା। 'ଇସ୍‌ଲାମିକ୍ ଷ୍ଟେଟ୍'ର ବର୍ବରତା ମୋତେ ଭାବିତ କରିଛି। ମଧ୍ୟପ୍ରାଚ୍ୟରେ 'ସୁନ୍ନି' ଲୋକେ 'ସିୟା'ଙ୍କୁ ମାରୁଛନ୍ତି। ମହମ୍ମଦିଆନ୍ ସଙ୍ଗେ ମହମ୍ମଦିଆନ୍ ଲଢୁଛି। ଜଣେ ମୁସଲମାନ ସାଉଦିଆରବ ଯାଏ କାହିଁକି ? ମକ୍କା ମଦିନା ପାଇଁ। ଆମେ ଏଠି ଆମର ମକ୍କା ମଦିନା କରିପାରିବା। ଏକ ହିନ୍ଦୁସ୍ତାନୀ ଇସ୍‌ଲାମ୍ ମଧ୍ୟ ସମ୍ଭବ–ଏହା 'ଖିଲାଫତ୍'ର ଥିମ୍।

**ପ୍ର: ଆଉ କିଛି କହିବେ ?**

**ଉ:** ଏତିକି କହିବି ଯେ ସାହିତ୍ୟିକର ଯାତ୍ରା ଏକ ଏକଲା ଯାତ୍ରା ଓ ଜୀବନବ୍ୟାପୀ ଯାତ୍ରା। ଯଦି ଜଣେ ଲେଖକ ସାଧୁତାର ସହ ଲେଖୁଥାଏ, ତେବେ ତା' ସାହିତ୍ୟର ଅଲଗା ପାଠକ ତିଆରି ହୋଇଯା'ନ୍ତି। ପ୍ରତ୍ୟେକ ପ୍ରକାରର ଲେଖକଙ୍କ ପାଇଁ ଅନୁରୂପ ପାଠକ ଅଛନ୍ତି ଓ ରହିବେ। ସାହିତ୍ୟରେ ମୋର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ହେଉ କି ନ ହେଉ, ମୋ' ଜୀବନରେ ସାହିତ୍ୟର ଯୋଗଦାନ କିନ୍ତୁ ଗୁରୁତ୍ୱପୂର୍ଣ୍ଣ। ଯଦି ଏକ ସାହିତ୍ୟ ସତରେ ସାହିତ୍ୟ, ପାଠକ ଏଥିରୁ ଲେଖକ ପାଇଥିବା ଅନୁଭୂତି ପାଇବାକୁ ସମର୍ଥ ହୁଏ। ଯାହା ସମସ୍ତେ ଲେଖନ୍ତି, ତାହା ଯଦି ଜଣେ ଲେଖକ ଲେଖେ, ତେବେ ତାହା ଉତ୍କୃଷ୍ଟ ସାହିତ୍ୟ ହୋଇପାରିବ ନାହିଁ।




ଫୋନ୍‌ରେ ଚାରିଥର ରିଂ ହେବା ପରେ ଆଗରୁ ପ୍ରସ୍ତୁତ ଥିଲା ଭଳି ପଚାରିଲା ସୁରଭି 'ସାତଟାବେଳେ କ'ଣ ରାତି ହୁଏ ଦିଲ୍ଲୀରେ ?'

ଟିକେ ଡରିଲା ସ୍ୱରରେ କଥା ଲେଉଟେଇଲା ସୁଲଗ୍ନା 'ଆଉ ତା'ହେଲେ ? କେତେ ଡେରିରେ ବାହାରିବା ?'

ସୁରଭି ଟିକେ ଚୁପ୍ ପଡ଼ିଗଲା । ଆଉ ଫୋନ୍ କାଟିଦେଲା ।

ସୁରଭି ଜାଣେ ଯେ ସୁଲଗ୍ନାର ବଡ଼ ଭଉଣୀ ପ୍ରୀତିଅପା ଏବେ ବି ତାକୁ ତା' କାନି ତଳେ ଢାଙ୍କି ରଖିବାକୁ ଚାହେଁ । ଯଦିଓ ସୁଲଗ୍ନା ଦିନେ ଖୁବ୍ ଭଲ ବ୍ୟାଡ୍‌ମିଣ୍ଟନ୍ ଖେଳୁଥିଲା, ତା' ବଡ଼ ଭଉଣୀର ଆପତ୍ତି ଯୋଗୁଁ ସ୍କୁଲ୍ ସରିବା ପରେ ଆଉ ସେ ରାକେଟ୍ କି କର୍କ ଛୁଇଁନି । ତେବେ ସେ ନ ଖେଳିବାର ଦୁଃଖ ଯେ ଭୁଲିଯାଇଛି ସେ କଥା ନୁହେଁ । ଅନେକ କିଛି ନ କରିପାରିବାର ପରସ୍ତ ପରସ୍ତ ଅବସୋସ ଭିତରେ ତାହା ବି ରହିଛି ଭିତରେ, ଦବି ଯାଇ । କେବଳ ପାଠପଢ଼ା, ପାଠପଢ଼ାରେ ମନ ଲଗେଇ କିଛି ଗୋଟାଏ ଚାକିରି କରିବାଯାଏଁ ସବୁ କଟକଣା ତାକୁ ମାନିବାକୁ ପଡ଼ିବ ।

ଅଫିସରୁ ଘରକୁ ଫେରିବା ରାସ୍ତାରେ ଗୋଟେ ଭୟଙ୍କର ଦୁର୍ଘଟଣାରେ ଏକାଠି ଚାଲିଯାଇଥିଲେ ସୁଲଗ୍ନାର ବାପା, ମା' ।

ତା' ପରଠୁ ବଦଳି ଯାଇଥିଲା ଦୁଇ ଭଉଣୀଙ୍କର ଜୀବନ । ଏତେ ବଡ଼ ମହାନଗରୀରେ ବସନ୍ତ ବିହାରର ସେଇ ଫ୍ଲାଟ୍ ଘର ଭିତରେ କେବଳ ସେମାନେ ଦୁଇ ଭଉଣୀ ।

ପ୍ରୀତିଅପା ବି ଖୁବ୍ ଭଲ ପାଠ ପଢୁଥିଲା । କିନ୍ତୁ ତାକୁ ପାଠପଢ଼ା ଅଧାରୁ ଛାଡ଼ି ଚାକିରି କରିବାକୁ ହେଲା । ଦ୍ୱାରକା ପଟେ ଗୋଟେ ପ୍ରାଇଭେଟ୍ ନର୍ସିଂ ହୋମ୍‌ରେ ସେ ରିସେପ୍‌ସନିଷ୍ଟର ଚାକିରି ଖୋଜି ନେଲା ନିଜ ପାଇଁ । ରାତି ଡ୍ୟୁଟି ତା'ର । ରାତିର ଚାକିରି ଏଇଥିପାଇଁ ଯେ, ତା' ସାନ ଭଉଣୀଟି ପାଖରେ ସେ ରହିପାରିବ ଦିନବେଳା । ତା' ପାଇଁ ରୋଷେଇ କରିପାରିବ, ତା' ସ୍କୁଲ ବ୍ୟାଗ୍ ସଜାଡ଼ି ପାରିବ ଆଉ ବସ୍ ପାଖରେ ଛାଡ଼ିବାକୁ ଯାଇପାରିବ । ସ୍କୁଲ୍ ବସ୍ ଫେରିବା ପରେ ତାକୁ ଘରେ ଛାଡ଼ି ତା' ଖାଇବା କଥା ବୁଝିସାରି ସନ୍ଧ୍ୟା ଛ'ଟାରେ ବାହାରେ ସେ ତା' ଡ୍ୟୁଟିକୁ ।

ପ୍ରୀତିଅପା କହେ ତା' ଚାକିରି ଜାଗାରେ ପହଞ୍ଚିବାକୁ ପାଖାପାଖି ଘଣ୍ଟାଏ ଲାଗେ ମେଟ୍ରୋରେ । ହୁଏତ ପ୍ରୀତିଅପାର କାମ ଆରମ୍ଭ ହେଉଥିବ ସନ୍ଧ୍ୟା ସାତରେ । ସ୍କୁଲ୍‌ରେ ପଢ଼ା ନ ସରିବାଯାଏଁ ସେ ଡ୍ୟୁଟିକୁ ଯିବାବେଳେ ଘର ଗ୍ରୀଲ୍‌ର ବାହାରପଟୁ ହିଁ ତାଲା ଲଗେଇ ଯାଉଥିଲା । ଭୋର୍‌ରେ ତା' ଡ୍ୟୁଟି ସରିଲେ ସେ ଫେରେ ଓ ତାଲା ଖୋଲି ଘର ଭିତରକୁ ପଶେ । ସେ କେତେ ରାତିରେ ଫେରେ ବା ସକାଳ ହେଲେ ଫେରେ, ସେ କଥା ସୁଲଗ୍ନା ଜାଣି ନ ଥିଲା ସେତେବେଳେ ।

ସୁଲଗ୍ନାର ପିଲାବେଳୁ ହିଁ ଶେଯରେ ପଡ଼ିଲେ ନିଦ ହେଇଯିବା ଅଭ୍ୟାସ । ଏଇଟା ତା' ବାବାଙ୍କ ସହ ସାଙ୍ଗ ହେଇ ଶୋଇବାରୁ ଆସିଥିଲା । ତାକୁ ଖୁବ୍ ଭଲ ଖେଳାଳି କରିବାକୁ ଚାହୁଁଥିଲେ ବାବା । ଖେଳକୁଦରେ ତାଙ୍କର ଆଗ୍ରହ ଯୋଗୁଁ ସକାଳୁ ଉଠି ପାର୍କରେ ଦୌଡ଼ିବା ବାପ ଝିଅଙ୍କର ସବୁଦିନିଆ ରୁଟିନ୍ ଥିଲା ।

ସାରା ସହର ଯେତେବେଳେ ରାତିର ଅଳସ ଛାଡ଼ି ନିଦୁଆ ଆଖିରେ ବାହାରର ଆଲୁଅ ଦେଖୁଥିବ, ସେତେବେଳକୁ ସରିଯାଉଥିଲା ସେମାନଙ୍କର ସକାଳର ବ୍ୟାୟାମ ସବୁ । ତା'ପରେ ଦୁହିଁଙ୍କର ବ୍ୟାଡ୍‌ମିଣ୍ଟନ୍ ଖେଳ ଚାଲୁଥିଲା ଘର ତଳ ଲନ୍‌ରେ ।

ସେଇ ଭୟଙ୍କର ଦୁର୍ଘଟଣା ପରଠୁ ବଦଳି ଯାଇଥିଲା ସବୁକିଛି । ଜୀବନ ଏମିତି ଅକସ୍ମାତ୍ ଗତିପଥ ବଦଳେଇଦିଏ, ଏକଥା ସେ ବୟସରେ ଭାବିପାରୁ ନ ଥିଲା ସୁଲଗ୍ନା । ବାବା ଆଉ ମା'ଙ୍କୁ ବାଦ୍ ଦେଇ ଯେ ଜୀବନ ସମ୍ଭବ ହେଇପାରେ, ଏକଥା ବଞ୍ଚିବା ପରେ ତା'ର ବିଶ୍ୱାସ ହୁଏନା । ପ୍ରୀତିଲଗ୍ନା କିନ୍ତୁ ଆଖିରୁ ଲୁହ ଝରେଇ ବସି ନ ଥିଲା ଘରେ ବେଶୀଦିନ । ସାନ ଭଉଣୀର ପାଠପଢ଼ା ପାଇଁ ସେ ଖୁବ୍‌ଶୀଘ୍ର ଚାକିରିଟେ ଖୋଜି ନେଇଥିଲା ନିଜ ପାଇଁ । ତା' ପରଠୁ ସେ କେବଳ ବଡ଼ ଭଉଣୀ ନୁହେଁ, ସୁଲଗ୍ନା ପାଇଁ ମା' ବାପା ଆଉ ଦୁନିଆର ସବୁ ସମ୍ପର୍କ ।

ସୁଲଗ୍ନା ମନେମନେ ବେଶ୍ ଡରେ ବି ପ୍ରୀତିଅପାକୁ । ଏ ଡର ଅବଶ୍ୟ ପ୍ରଥମରୁ ନ ଥିଲା । ସେଇସବୁ ଦିନଗୁଡ଼ିକରେ ପ୍ରୀତିଅପା ଥିଲା ହସହସ ଝିଅଟିଏ, ମା'ର ସୁନାଝିଅ । ଆଜିକାଲିର ଗମ୍ଭୀର, କର୍ତ୍ତବ୍ୟନିଷ୍ଠ, ପରିଶ୍ରମୀ ପ୍ରୀତିଅପା ସହ ଯୋଡ଼ି ହୁଏନି ପୁରୁଣା ଦିନର ସେ ହସକୁରୀ ଝିଅକୁ ।

ସ୍ମୃତିସବୁ ଆଲବମ୍‌ରେ ଛବି ହେଇଯାଆନ୍ତି । ଆଜିର ଚିତ୍ର ହିଁ ଜଳଜଳ ଦିଶେ ଆଉ ସବୁ କ୍ରମଶଃ ଫିକା । ଗତକାଲି, ପଅରଦିନ ବା ତା' ପୂର୍ବ ଦିନଗୁଡ଼ିକର ଛବିସବୁ ମନ ଭିତରୁ ଲିଭିଲିଭି ଯାଏ ।

ଏବେ କଲେଜରେ ପଢ଼ିବା ଦିନଠୁଁ ପ୍ରୀତିଅପା ଟିକିଏ ସ୍ୱାଧୀନତା ଦେଇଛି ସୁଲଗ୍ନାକୁ । ଏଣିକି ସେ ନିଜେ ଟ୍ୟୁସନ୍ ପଢ଼ିବାକୁ ଯାଏ । ବସ୍‌ରେ ଉଠି କଲେଜ ଯାଏ । ଏମିତି କି ଘର ବାହାରେ ସେ ଥିବାବେଳେ ପ୍ରୀତିଅପା ଆଉ ବାହାରୁ ତାକୁ ତାଲା ପକେଇ ଦେଇ ଯାଏନି, ବରଂ ଭିତରପଟୁ କିଳିଣି ବନ୍ଦ କରି ରହେ ସୁଲଗ୍ନା ।

ସୁରଭି ସହ ସାଙ୍ଗ ହେବା ପରଠୁ ଡେଣା ଲାଗିଛି ସୁଲଗ୍ନା ମନରେ । ସେ ବୁଝିପାରେ ଯେ ତା' ଘରେ ପରିସ୍ଥିତି ଏକଦମ୍ ଭିନ୍ନ । ସେ ଭଲକରି ଜାଣେ ଯେ ତା' ପାଇଁ କେତେ କଷ୍ଟ କରୁଥାଏ ତା'ର ଏଇ ବଡ଼ ଭଉଣୀଟି । କେବଳ ତା'ର ଭବିଷ୍ୟତ ପାଇଁ ତା' ବଡ଼ ଭଉଣୀର ବର୍ତ୍ତମାନ ତିଳତିଳ ହୋଇ ଖର୍ଚ୍ଚ ହେଇ ଚାଲିଛି । ତଥାପି ସେ ସବୁ କଟକଣା ମାନିପାରେନି । କେବେକେବେ ତା'ର ଖୁବ୍ ମନ ହୁଏ ସନ୍ଧ୍ୟା ପରେ ବାହାରେ ଘେରାଏ ବୁଲି ଆସିବାକୁ ବା ସୁରଭି ସହିତ ଯାଇ ପିଭିଆର୍‌ରେ ଚାଲିଥିବା ନୂଆ ସିନେମା ଦେଖି ଆସିବାକୁ ।

ଅପାର ଗମ୍ଭୀର ମୁହଁ ଦେଖିଲେ ସେ କିଛି ପଚାରିପାରେନି । ଭାବିପାରେନି ଯେ କବାଟ ଫିଟାଇ ସେ ଯାଇପାରିବ ଅପା ନ ଥିବାର ଯେକୌଣସି ଗୋଟେ ସନ୍ଧ୍ୟାରେ ଆଉ ଅପା ଜାଣିବା ଭଳି କିଛି ବି ସୁରାକ ନ ଥାଇ ଫେରି ବି ପାରିବ ଠିକ୍ ସମୟରେ । ପ୍ରୀତିଅପାର ରାତିର ଚାକିରି । ତେଣୁ ସବୁ ନିଷିଦ୍ଧ ଇଚ୍ଛାଗୁଡ଼ିକୁ ନ ହେଲେ ବି କିଛିକିଛି ନିରୀହ ଖୁସିକୁ ସେ ତା' ଇଚ୍ଛାମତେ ହାସଲ କରିପାରନ୍ତା । ଅଥଚ ସେ ପାରେନା । ତାକୁ ଡର ଲାଗେ । କିଛି ଗୋଟେ ଭାଙ୍ଗି ଯିବାର ଭୟ ।

ଦିଲ୍ଲୀ ଭଳି ସହରରେ ଦିନରେ ବି ଝିଅମାନେ ନିରାପଦ ନୁହନ୍ତି । କେମିତି ସେ ବାହାରି ପାରିବ ରାତିରେ ? ପ୍ରୀତିଅପା ଯଦି କୋଉ ସୂତ୍ରରୁ କିଛି ସୂଚନା ପାଇଯାଏ ତ ତା'ର ପୂରା ରକ୍ତଚାପ ବଢ଼ିଯିବ ।

ଆଜି ବି କୋଉ ସେ କହି ପାରିଥାନ୍ତା ରାତିରେ ଘରୁ ବାହାରିବା କଥା ? କିନ୍ତୁ ବହୁତ କୌଶଳରେ ସୁରଭି ଆଜି ଆଦାୟ କରିଛି ତା' ପାଇଁ ପ୍ରୀତିଅପାଠୁ ଅନୁମତି ।

ସୁରଭିର ଆଜି ଜନ୍ମଦିନ । ତେଣୁ ସନ୍ଧ୍ୟାରେ ତା' ଘରେ ଗୋଟେ ଛୋଟ ବଂଧୁମିଳନ । କେକ୍‌କଟା, ଖିଆପିଆ ଓ ସାଙ୍ଗମାନଙ୍କ ଭିତରେ ମଜାଗପ । ଯଦିଓ ଏ ଯୋଜନା ସପ୍ତାହେ ତଳୁ ହେଇ ସାରିଥିଲା, ଅନେକ ଥର ଚେଷ୍ଟା କରି ବି ଶେଷଯାଏ ସୁଲଗ୍ନା କହିପାରିଲାନି ତା' ଅପାକୁ । ସେଥିପାଇଁ ସୁରଭିର ସାହାଯ୍ୟ ଦରକାର ପଡ଼ିଲା, ତା'ପୁଣି କିଛିକିଛି ମିଛ ଯୋଡ଼ା ହେଇ ।

ସୁରଭି ତ ସିଧାସିଧା କହିଥିଲା ଯେ ରାତି ନ'ଟା ଭିତରେ ସୁଲଗ୍ନାକୁ ତା' ବାପା ଆଣି ଘରେ ଛାଡ଼ି ଦେଇଯିବେ । ପ୍ରୀତିଲଗ୍ନା ବି ବୋଧହୁଏ ତା' ଭଉଣୀର

## ବିଶେଷ ଗପ



**• ହିରଣ୍ମୟୀ ମିଶ୍ର**

ଚୁଲ୍‌ବୁଲି ଇଚ୍ଛାଗୁଡ଼ିକୁ ଦେଖିପାରୁଥିଲା ; ସେଥିପାଇଁ ବେଶୀ କିଛି ପ୍ରଶ୍ନ ନ ପଚାରି ଏଥର ସେ 'ହଁ' କରିଦେଲା । ଆଣି ଦେଇଥିଲା ବି ଗୋଟେ ଫିକା ଗୋଲାପୀ ରଙ୍ଗର ସୁନ୍ଦର ପାର୍ଟିୱେର୍, ଯାହା ସୁଲଗ୍ନାକୁ ବେଶ୍ ମାନୁଥିଲା । ଆଉ ଡ୍ରେସ୍ ସହ ମ୍ୟାଚ୍ କଲାଭଳି ଗୋଟେ କ୍ଲଚ୍ । ବାପା, ମା' ଚାଲିଯିବା ପରେ ପ୍ରୀତି ନିଜର ପୋଷାକପତ୍ର, ଖାଇବାପିଇବା ସବୁଥିରେ ଖୁବ୍ ଅମନଯୋଗୀ । ଏମିତିକି ଯେତେ ସୁନ୍ଦର ଡ୍ରେସ୍ ସବୁ ତା'ର ଥିଲା, ସେସବୁ ବି କେବଳ ଆଲମାରିରେ ହିଁ ରହିଥାଏ ।

ଜୀବନରେ ଏବେ ଗୋଟିଏ ମାତ୍ର ସ୍ୱପ୍ନ– ସୁଲଗ୍ନାର ଭବିଷ୍ୟତ । ସେଇ ଗୋଟିଏ କର୍ତ୍ତବ୍ୟ, ସେଇ ଗୋଟିଏ ଲକ୍ଷ୍ୟ ଏବଂ ଜୀବନ ବଞ୍ଚିବାର ବି ସେଇ ଗୋଟିଏ ଅବଲମ୍ବନ ।

ଅପା ଆଣିଥିବା ଡ୍ରେସ୍‌କୁ ପିନ୍ଧି ଘେରାଏ ବୁଲିଆସିଲା ଘର ଭିତରେ ସୁଲଗ୍ନା । ତା'ପରେ ଲମ୍ବା ଆଇନା ସାମ୍ନାରେ ଠିଆହେଲା ସେ, ବିଭିନ୍ନ ଭଙ୍ଗୀରେ । ସତରେ ଖୁବ୍ ଆକର୍ଷଣୀୟ ମନେହେଲା ତାକୁ ନିଜର ଚେହେରା ଏଇ ନୂଆ ଡ୍ରେସ୍‌ରେ । ଏବେ ଖାଲି ସୁରଭି ପାଇଁ ଅପେକ୍ଷା । 'ଅପା ଚାଲିଗଲାଣି ତା' ଡ୍ୟୁଟିକୁ । ଏପଟେ ସୁରଭି ପାଇଁ ଆରମ୍ଭ ହେଇନି ରାତି । ଆଉରି କେତେ ଡେରି ସେ କରିବ କେଜାଣି ?'

ସୁଲଗ୍ନାକୁ ଆଶ୍ଚର୍ଯ୍ୟ ଲାଗେ । କେତେ ସାହସ ଏ ସୁରଭିର ? ଜନ୍ମଦିନର ଉତ୍ସବ ପାଇଁ ନୁହେଁ, ତା'ପରେ ରହିଛି ସେମାନଙ୍କର ଗୋଟେ ସିକ୍ରେଟ୍ ପ୍ଲାନ୍, ଯୋଉଥିପାଇଁ ଆଜି ସୁଲଗ୍ନାର ମନ ଭାରି ଅଧୀର ।

ଆଜି ସେ ଏମିତି ଗୋଟେ ଅନୁଭବକୁ ସାଉଁଟିବାର ସ୍ୱପ୍ନରେ ଅସ୍ଥିର, ଯାହା ଅନେକ ଦିନରୁ, ହୁଏତ ବାବା ଥିବା ବେଳଠୁଁ ହିଁ ତା' ମନତଳେ ରହିଥିଲା ସ୍ୱପ୍ନ ହେଇ ।

ଶେଷଯାଏଁ କହିଦେବ ବୋଲି ଯେତେ ଭାବିଲେ ବି ସେ କହି ନ ଥିଲା ପ୍ରୀତିଅପାକୁ, ସେମାନଙ୍କର ସେ ଗୋପନ ଅଭିସାରର ଯୋଜନା କଥା ।

ବେଳେବେଳେ ଅବଶ୍ୟ ସୁଲଗ୍ନାକୁ ନିଜ ଉପରେ ରାଗମାଡ଼େ । ସେମାନଙ୍କ ସାଙ୍ଗରେ ପଢୁଥିବା ଝିଅମାନେ କେତେ କ'ଣ କରୁଥା'ନ୍ତି । କେହିକେହି ତ ପୁଅସାଥୀମାନଙ୍କ ପଛରେ ବାଇକ୍‌ରେ ଏମିତି ଲାଖି ହେଇ ବସିଥା'ନ୍ତି, ଯେମିତି କି କେହି ଅଠାରେ ଯୋଡ଼ି ଦେଇଛି । ପିକ୍‌ନିକ୍, ପାର୍ଟି, ଗୀତ, ନାଚ, ରେସ୍ତୋରାଁରେ ଖିଆପିଆ, ରାସ୍ତାକଡ଼ର ଫାଷ୍ଟଫୁଡ୍– କେତେ କ'ଣ ଚାଲିଥାଏ ପାଠପଢ଼ା ସହ ସମାନ୍ତରାଳ ଭାବେ । ଏତେ ବଡ଼ ସହରର କୋଉ କୋଣରେ ସବୁଠୁ ଭଲ କେଏଫ୍‌ସି, କୋଉପଟେ ପିଜା ହଟ୍‌ରେ ବଢ଼ିଆ ତିଖା ପିଜା ମିଳେ ବା କୋଉ ମାର୍କେଟ୍‌ର ସବ୍‌ୱେର୍ ଚିଜ୍ ସ୍ୟାଣ୍ଡୱଇଚ୍ ସବୁଠୁ ବେକାର– ସବୁ ସେମାନଙ୍କ ଜିଭ ଅଗରେ । କୋଉଠି ସେଲ୍ ଲାଗିଛି ବା କୋଉ ଥିଏଟରରେ ଆଲିଆ ଭଟ୍ଟର ନୂଆ ସିନେମା ରିଲିଜ୍ କରେ ଶୁକ୍ରବାର ସନ୍ଧ୍ୟାର, ସୁରଭି ବି ଏସବୁ କଥାରେ ଆଗୁଆ ଥାଏ ବେଶ୍ । ସେମାନଙ୍କ ସହ ସୁଲଗ୍ନାର ଜୀବନର ତୁଳନା ହିଁ ହୁଏନା । ଠିକ୍ ଅଛି, ଏସବୁ ସୁଲଗ୍ନା ପାଇଁ କେବଳ ଶୁଣିବା ଉପଯୋଗୀ ଗପ । ସେ ଏସବୁ ଗପ ଶୁଣୁଥିଲା, କେବେ ପାଖରୁ ତ କେବେ ଦୂରରୁ । କିଛିକିଛି ବୁଝୁଥିଲା ଏବଂ ଅନେକଟା ଭୁଲି ଯାଉଥିଲା ଚେଷ୍ଟା କରି ।

ଏବେ କିନ୍ତୁ ଏଇ କିଛିଦିନ ହେଲା ସୁରଭି ତା' ଆଖିତଳେ ଦେଖଉଛି ଗୋଟେ ନୂଆ ଦୁନିଆ । ଏଥର ସୁଲଗ୍ନା ନିଜେ ବି ଭାବୁଛି ଯେ କେତେଦିନ ଆଉ ସେ ସେଇ ସନ୍ଧ୍ୟାପରର ଶୂନ୍‌ଶାନ୍ ଘର, ସାମ୍ନାଘରର ସୀତାମ୍ମାର ତାଗିଦା, ବାଲ୍‌କୋନିରେ ପଞ୍ଜୁରି ଭିତରେ ଝୁଲୁଥିବା ବୁଢ଼ା ଶୁଆର ଅବୁଝା ଚିଁ ଚାଁ ସ୍ୱରର ଅର୍ଥ ଖୋଜିଖୋଜି ବଞ୍ଚିବ ସେ ? ତା'ର ବି ମୁଠାଏ ଅମ୍ଳଜାନ ଲୋଡ଼ା, ଶୁଦ୍ଧ ଆଉ ହାଲୁକା ।

କଲିଂବେଲ୍ ବାଜୁବାଜୁ ସେ ଜାଣିଗଲା ଯେ ସୁରଭି ଆସିଯାଇଛି । ଏ ଘରକୁ କମ୍ ଲୋକ ହିଁ ଆସନ୍ତି । ତା'ଛଡ଼ା ଗେଟ୍ ପାଖେ ବସୁଥିବା ସେ ନିଶୁଆ ନେପାଳୀ ବାହାଦୁରକୁ ପ୍ରୀତିଅପା କହି ରଖିଛି ଯେ ସେ ନ ଥିବାବେଳେ ଅଚିହ୍ନା ଲୋକ କେହିବି ଆସିବେନି ଯେମିତି । ତେଣୁ ସୁରଭି ଛଡ଼ା ଆଉ କେହି ନୁହେଁ ।

ଛାତିର ଉଠାପକାକୁ ନିଜେ ଟିକେ ମାପିନେଲା ସୁଲଗ୍ନା । କେତେବର୍ଷ ହେଲାଣି ସନ୍ଧ୍ୟା ପରେ ଏ ଘର ଭିତରୁ ସେ ବାହାରକୁ ପାଦ ବାହାର କରିନି । ସପ୍ତାହାନ୍ତ ଦିନସବୁରେ ଅପା ବଜାର ସଉଦା କରେ । ସୁଲଗ୍ନା କେବଳ ସ୍କୁଲ୍ ଯାଉଥିଲା, ଆଉ ଟ୍ୟୁସନ୍ ଓ ଏବେ କଲେଜ । ବାବା, ମା' ଚାଲିଯିବା ପରେ କେହି ବନ୍ଧୁବାନ୍ଧବ ଆସନ୍ତିନି । ଅବଶ୍ୟ ତା' ପୂର୍ବରୁ ବି ସେମାନେ ଜାଣିଥିଲେ ଯେ ଅଜା, ଆଈ ବା ଜେଜେ, ମା' କେହି ବି ଗ୍ରହଣ କରି ନ ଥିଲେ ମା', ବାବାଙ୍କ ବାହାଘରକୁ ।

..........................................................

କିନ୍ତୁ ସୁଲଗ୍ନା ତ ସେତେବେଳେ ଖୁବ୍ ସାନ ଥିଲା । ଆଉ ସେ ବଡ଼ ହେବାବେଳକୁ ସେସବୁ କାହାଣୀର କିଛି ହିଁ ସ୍ଥାନ ନାହିଁ ସେମାନଙ୍କ ଜୀବନରେ । ଦିଲ୍ଲୀର ରାସ୍ତାସବୁ ଯେତିକି ଚଉଡ଼ା, ଗଳିସବୁ ବି ସେମିତି ସରୁଆ । ସୁରଭି ଜୋର୍‌ଜୋର୍ ଚାଲୁଥାଏ ।

'ଆହା– ଏତେ ପାଖରେ ତମ ଘର !' ଗୋଟେ ଘର ପାଖରେ ସୁରଭି ଅଟକିଯିବା ପରେ କହିଲା ସୁଲଗ୍ନା, 'ଜାଣି ନ ଥିଲି ଯେ ଆମ ଆପାର୍ଟମେଣ୍ଟଠୁ ଏତିକି ଟିକେ ବାଟ ଆଗକୁ ଆସିଗଲେ ଏମିତି ଶର୍ଟକଟ୍‌ରେ ପହଞ୍ଚି ହେବ ତମ ଘର ପାଖେ'– ଟିକିଏ ଖୁସି ଦିଶୁଥିଲା ଏବେ ସେ ।

'ଜାଣିଥିଲେ ଯେମିତି ତୋ' ଅପା ତତେ ସବୁ ସନ୍ଧ୍ୟାରେ ଆମ ଘରକୁ ଛାଡ଼ିଦିଅନ୍ତା'– କହୁକହୁ ସୁରଭି ଗ୍ରୀଲ୍ ଖୋଲିଲା ଓ ଘର ଭିତରେ ପଶିଲେ ସେ ଦୁହେଁ ।

ଟିକିଏ ଚୁପ୍ ପଡ଼ିଗଲା ସୁଲଗ୍ନା । ଏକଥା ସତ ଯେ ସେ ନିଜେ କେବେକେବେ ଅପା ଉପରେ ରାଗିଯାଇ କ'ଣ ସବୁ କହିଦିଏ, କିନ୍ତୁ ଆଉ କେହି ତା' ଅପା ବିଷୟରେ କିଛି କହିଲେ ସେ ସହିପାରେନା ଜମାରୁ । ସୁଲଗ୍ନାକୁ ଡ୍ରଇଂରୁମ୍‌ରେ ଛାଡ଼ିଦେଇ ସୁରଭି ଘର ଭିତରକୁ ଗଲା । ଆଉ ପାଞ୍ଚମିନିଟ୍ ଭିତରେ ବାହାରି ଆସିଲା ହାଲ୍‌କା ମେକପ୍ ନେଇ ।

କହିଲା, 'ଚାଲ୍‌ଚାଲ୍, ଆମର ଡେରି ହେଇଯିବ ।' ଏବେ ତା'ହାତରେ ଗୋଟେ ଗାଡ଼ିଚାବି ଥିଲା । ସୁଲଗ୍ନା ପଚାରିଲା– 'ଆଉ ତୋ' ବାର୍ଥଡେ ?'

'ଧେତ୍, ତୁ ଗୋଟେ ପୂରା ପାଗଳୀ । ମୋର ବାର୍ଥଡେ ମାର୍ଚ୍ଚ ୨ରେ, ପୂରା ତିନି ମାସ ପରେ ।' 'ଡିସେମ୍ବର ଦୋ କି ୟେ ସୁହାନୀ ସାମ୍, କୁର୍‌ବାନ୍ ଦୋସ୍ତି କେ ନାମ' ହସିହସି ବେଦମ୍ ହେଇଯାଉଥିଲା ସୁରଭି । ତାକୁ ଅଟକେଇ ଦେଇ ସୁଲଗ୍ନା କହିଲା, 'ନାଇଁ ମତେ ଡର ମାଡୁଛି, ତୁ ଏମିତି ଏତେ ମିଛ କହିଦେଲୁ ଅପା ଆଗରେ !'

'ଡର ମାଡ଼ିଲେ ରାତିର ସହର କେମିତି ଦେଖିବୁ ମେରେ ଜାନ୍'– କହୁକହୁ ହୋଣ୍ଡା ଆକ୍ଟିଭାର ଆକ୍‌ସିଲେଟର୍‌କୁ ଜୋର୍‌ରେ ମୋଡ଼ିଲା ସୁରଭି ।

'ରାତିର ସହର କେତେ ଭିନ୍ନ, ଦିନର ଏ ଭିଡ଼ଭାଡ଼ରେ ଦିଲ୍ଲୀଠୁ !' କହୁଥିଲା ତିଆରା ସେଦିନ କଲେଜ କାଫେରେ ।

'ତୋର ଫେବରାଇଟ୍ କୋଉ ପବ୍ ?' ପଚାରୁଥିଲା କୁକୁଡ଼ାଚୂଳ ଭଳି ମୁଣ୍ଡ ମଝିରେ ଗୋଛାଏ ଚୁଟିକୁ ନାଲି ରଙ୍ଗ ବୋଳିଥିବା ସେ ଅନପିତିଆ ଟୋକା– ରୋହନ୍ । ଏତିକିରେ ସରେନି ସେକଥା– କୋଉଠି ଯାଇ କୋଉଠି ପହଞ୍ଚେ ଯେ କିଛି ଠିକ୍ ନ ଥାଏ । ଅଠର, ଉଣେଇଶ ବର୍ଷ ବୟସର କଲେଜପଢ଼ା ପିଲାଙ୍କର ସେ କଥାବାର୍ତ୍ତା ।

ସୁଲଗ୍ନାର ବି ଭାରି ମନହୁଏ କେବେକେବେ ସେ ଗପକୁ କାନଡେରି ଶୁଣିବା ପାଇଁ । ହେଲେ ସେମିଷ୍ଟର୍, ମିଡ୍‌ସେମିଷ୍ଟରର ପାଠପଢ଼ା ଭିତରେ ସେ ନିଜକୁ ଫେରେଇ ଆଣେ । ସୁରଭିକୁ ଅବଶ୍ୟ କେବେକେବେ ପଚାରେ ସେ 'ତୁ ଯାଇଛୁ କେବେ ରାତିରେ ସହର ବୁଲି ?' 'ନା, ନା, ଯାଇନି । କିନ୍ତୁ ରାତି ୧୧ଟା ବା ୧୨ଟାଯାଏଁ ରାତିରେ ଆମେ ବାହାରେ ବୁଲିବାର ଗୋଟେ ଯୋଜନା ମୁଁ କରିପାରେ, ଯଦି ତୁ ଚାହୁଁ ।' ସୁରଭି ତା' ହାତ ଉପରେ ହାତ ରଖି କହେ ।

ସେ ପୁଣି ଗପେ– ''ଆମ ଘରେ କେହି ଏତେ ସନ୍ଦେହ କରନ୍ତିନି । ବାବା ଓ ମା' ସେମାନଙ୍କ ଜୀବନକୁ ନେଇ ବ୍ୟସ୍ତ । ମା'ର ତ ମାର୍ଚ୍ଚ ମାସରେ ବ୍ୟାଙ୍କରୁ ଫେରିବାବେଳକୁ ଅନେକ ସମୟରେ ରାତି ୧୧ ହେଇଯାଇଥାଏ । ଆଉ ବାବା ନିଜ କମ୍ପ୍ୟୁଟର୍ ସାମ୍ନାରେ ଥିବା ଯାଏଁ ଦୁନିଆର ସବୁ ପ୍ରଶ୍ନର ଉତ୍ତର କେବଳ 'ହଁ' ବା 'ନା' ରେ ହିଁ ସୀମିତ ଥାଏ ।''

ଏବେ, ଆଜି ସେମିତି ଗୋଟେ ସୁରଭିର ଯୋଜନାକରା ରାତି ସେମାନଙ୍କ ହାତମୁଠାରେ । ପ୍ରୀତିଅପାକୁ କୁହାହେଇଛି ଯେ ସୁରଭିର ଜନ୍ମଦିନ । ସୁରଭି ଘରେ ଜାଣନ୍ତି ଯେ ସୁଲଗ୍ନାର ଜନ୍ମଦିନ । ଅତଏବ ଅନ୍ତତଃ ରାତି ୧୧ଟା ବା ୧୨ଟା ଯାଏଁ ସେମାନେ ଏବେ ସ୍ୱାଧୀନ ।

ସୁଲଗ୍ନା ମନରୁ ତଥାପି ଡର ଛାଡ଼ି ନ ଥିଲା । ସୁରଭି ଗୋଟେ ପବ୍ ସାମ୍ନାରେ ଗାଡ଼ି ଅଟକେଇଲା 'ଚାଲ୍ ଆମେ ଏଇ ପବ୍‌ରେ ଟିକେ କଫି ପିଇବା । ଡିସେମ୍ବରର ରାତିରେ ଏଇ କଫି ହିଁ ଆମର ବିଅର'– କହୁକହୁ ଗାଡ଼ି ରଖି ସୁଲଗ୍ନା ଆଡ଼କୁ ହାତ ବଢ଼େଇଲା ସେ ।

'ଧେତ୍, ବିଅର୍ ! ମୁଁ ତ କଫି ବି କେବେ ପିଇନି । ଥରେ ପିଲାବେଳେ ବାବାଙ୍କ କପ୍‌ରୁ ଢୋକେ ପିଇଥିଲି । ଟିକେଟିକେ ପୋଡ଼ାଳିଆ ଲାଗୁଥିଲା । ପାଟି ପିତା ହେଇଗଲା । ଆଉ ଆଜିକାଲି ତ ଆମ ଘରେ ଚା କି କଫି କିଛି ହୁଏନି ।' ସୁରଭି ଏବେ ହୋଟେଲ୍ ଭିତରର ଚାକଚକ୍ୟକୁ ଦେଖୁଥିଲା ।

'କେତେ ଟଙ୍କା ଅଛି ତୋ' ପାଖରେ ?' ପଚାରିଲା ସୁରଭି ।

'ପାଞ୍ଚଶହ ଟଙ୍କା, ତୋ' ପାଇଁ ଜନ୍ମଦିନ ଉପହାର କିଣିବାକୁ ଅପା ଦେଇଥିଲା । କିନ୍ତୁ ଏଠି କ'ଣ କଫି ମିଳିବ ? ପବ୍‌ରେ ପରା କେବଳ ମଦ ପିଅନ୍ତି ?' ଟିକିଏ ଧୀର ସ୍ୱରରେ ପଚାରିଲା ସୁଲଗ୍ନା ।

'ତୁ ଗୋଟେ ନମ୍ବର ୱାନ୍ ମଫ । ସବୁ ପବ୍‌ରେ ଚା, କଫି ମିଳେ– ତା' ପୁଣି କେତେ ପ୍ରକାରର । ଆମେ ଏବେ କ୍ୟାପୁଚିନୋ ପିଇବା । ମୋର ପ୍ରିୟ କଫି । ଆଉ ତା' ସାଙ୍ଗରେ ଗୋଟେ ଗୋଟେ ଗାର୍ଲିକ୍ ବ୍ରେଡ୍'– କହୁକହୁ ଗୋଟେ ଟେବୁଲ୍ ପାଖରେ ବସିପଡ଼ିଲା ସୁରଭି । ପବ୍ ଭିତରର ଚିକ୍‌ମିକ୍ ଆଲୁଅ, ସୁନା ରଙ୍ଗର ବଡ଼ବଡ଼ ମୂର୍ତ୍ତି, ହଲ୍‌ର ମଝିରେ ଝୁଲୁଥିବା ବିରାଟକାୟ କାଚର ଝୁମର୍ ଭିତରୁ ରଙ୍ଗବେରଙ୍ଗର ଆଲୁଅ, ଆଉ ଗୋଟେ କୋଣରେ ଥିବା ବିଭିନ୍ନ ପାନୀୟ ସଜଡ଼ା ହୋଇ ରହିଥିବା ଥାକ, ଥାକ ସେପଟେ ଥିବା ସୁନ୍ଦରୀ ଝିଅର ଲିପ୍‌ଷ୍ଟିକ୍ ମଖା ଓଠର ମପାଚୁପା ହସ– ଏସବୁ ମିଶାମିଶି ହେଇ କେମିତି ଗୋଟେ ଅଦ୍ଭୁତ ପରିବେଶ ସୃଷ୍ଟି ହେଉଥିଲା । ସୁଲଗ୍ନା ବିସ୍ମୟ ଓ ପୁଲକରେ ଅଭିଭୂତ ହେଇପଡୁଥିଲା ବେଳକୁବେଳ ।

ଚାରିପଟୁ ଧିମାଧିମା ସ୍ୱରରେ ଶୁଭୁଥିଲା ଗୋଟେ ଦୁର୍ବୋଧ ରାପ୍ ଗୀତ । ଏଇଟା ବାଦ୍‌ଶାହ କି ହନି ସିଂର ରାପ୍ ଭଳି ନୁହେଁ । ଇଂଲିଶ୍ ରାପ୍– ଗୋଟିଏ ବି ଶବ୍ଦ ବୁଝି ହେଉ ନ ଥିଲା । କିନ୍ତୁ କେମିତି ଗୋଟେ ପିପ୍‌ରମେଣ୍ଟ ଭଳି ଝିମିଝିମିଆ କରିଦେଉଥିଲା ମୁଣ୍ଡ ଭିତରଟାକୁ । ସୁରଭି ଓ ସୁଲଗ୍ନା ମୁଗ୍‌ଧ ଚକିତ ଦୃଷ୍ଟିରେ ଦେଖୁଥିଲେ ଚାରିପଟକୁ । କେହି ଜଣେ ପଚାରୁଥିଲା 'ଅର୍ଡର ଦେଇସାରିଲେଣି ?'

'ଅର୍ଡର ? ନା, ନା– ଆମର ଦି'ଟା କ୍ୟାପୁଚିନୋ, ଦି'ଟା ଗାର୍ଲିକ୍ ବ୍ରେଡ୍ ଓ ଗୋଟେ ବ୍ରାଉନ୍ ବ୍ରେଡର ଲେଟୁସ୍ ସ୍ୟାଣ୍ଡ୍‌ଉଇଚ୍'– କହୁଥିଲା ସୁରଭି । ସୁଲଗ୍ନାର ଆଖି ଏବେ ସେଇ ପାନୀୟଭର୍ତ୍ତି କୋଣରେ ଲାଖିଥିଲା । ମଧ୍ୟପ୍ରାଚ୍ୟର ସେଠ୍ ଭଳି ଦିଶୁଥିବା ଭଦ୍ରବ୍ୟକ୍ତି ଜଣେ ଠିଆ ହେଇଥିଲେ ଏବେ ପବ୍‌ର ସେ କାଉଣ୍ଟର ପାଖରେ । ସେ କଥା ହେଉଥିଲେ କିଛି ଗୋଟେ ୟୁରୋପୀୟ ଭାଷାରେ– ହୁଏତ ଫ୍ରେଞ୍ଚ୍, ହୁଏତ ଜର୍ମାନ୍– ଠିକ୍‌ରେ କିଛି ଶୁଭୁ ନ ଥିଲା ସେତିକି ଦୂରରୁ ବି । ସମ୍ଭବତଃ ଗୋଟେ କାଚର ପତଳା ପରଦା ଭଳି କିଛି ଥିଲା ସେ କାଉଣ୍ଟରକୁ ବିଚ୍ଛିନ୍ନ କରିବା ପାଇଁ ଏ ମଝି ହଲ୍‌ରୁ ।

ସୁଲଗ୍ନା ସେଇ ଦିଗକୁ ହିଁ ଚାହିଁ ରହିଥିଲା । ସୁରଭି ଗପି ଚାଲିଥିଲା– ''ତୋ' ପାଖରେ ଥିବା ପାଞ୍ଚଶହ ଓ ମୋ' ପାଖରେ ଥିବା ହଜାରେ ଟଙ୍କାରେ ଆମେ ଏତିକି ହିଁ ଖାଇପାରିବା ଏଠି । ଆଉ ଏଠୁ ବାହାରିବା ପରେ ସିଧା ଚାନ୍ଦିନୀଚୌକ୍ । ଗୋଟେ ସବୁଠୁ ବଢ଼ିଆ ଆଇସ୍‌କ୍ରିମ୍ ଖୁଆଇବି ଆଜି ତତେ, ନ ହେଲେ ସେଇ ସିଟି ଫେମ୍‌ସ କୁଲ୍‌ଫି ।''

''ଏଇଟା ସାଉଥ୍ ଦିଲ୍ଲୀର ସବୁଠୁ ଭଲ ପବ୍ । ଏଠି ଡିନର କହିଲେ ଏମିତି ଖାଦ୍ୟସବୁ ହିଁ ମିଳେ । କିନ୍ତୁ ଆଉ ଦିନେ ଆମେ ଆସିବା, ଏଠି ବାର୍‌ରେ ବଢ଼ିଆ ବାର୍ ଡ୍ୟାନ୍‌ସର୍ ଆସନ୍ତି । ମୁଁ ଶୁଣିଛି, ଏଠି ସେଇଟା ବେଷ୍ଟ୍''– କହୁକହୁ ସୁଲଗ୍ନାର ଅନ୍ୟମନସ୍କ ମୁହଁ ସାମ୍ନାରେ ହାତ ହଲେଇଲା ସୁରଭି ।

ସୁଲଗ୍ନା ଚାହିଁ ରହିଥିଲା ସେଇ ୱାଇନ୍ ପାର୍ଲର ଆଡ଼କୁ ।

'ହେ, ହେ– ସିଆଡ଼େ ଚାହାଁନା । ସେଇ ଯୋଉ ସେଠ୍ ଭଳି ମୁଣ୍ଡରେ ବାନ୍ଧି ଠିଆ ହେଇନି ଲୋକଟା, ସେ କ'ଣ କ'ଣ ସବୁ କରିବାକୁ ଆସିଥିବ । ରାତିକରେ ଲକ୍ଷଲକ୍ଷ ଟଙ୍କା ଲୁଟେଇ ଦିଅନ୍ତି ସୁନ୍ଦରୀ ଝିଅଙ୍କ ପିଛା ସେମାନେ'– କହୁକହୁ ତା' ମୁହଁକୁ ବୁଲେଇ ଦେଲା ସୁରଭି ।



'କ'ଣ କ'ଣ ସବୁ ମାନେ ?' ବୁଝି ନ ପାରିବା ଭଳି ପଚାରିଲା ସୁଲଗ୍ନା ।

'ସବୁ ମାନେ ସବୁ– ଏତିକି ବୁଝିପାରୁନୁ ବୋକୀ'– କହୁକହୁ ଗୋଡ଼ ଉପରେ ଟାୱେଲ୍ ବିଛେଇଲା ସୁରଭି । ସୁଲଗ୍ନା ତାକୁ ଦେଖି ଟାୱେଲକୁ ହାତରେ ନେଲା, କିନ୍ତୁ ମୁହୂର୍ତ୍ତରୁ ମୁହୂର୍ତ୍ତ କିଛି ଗୋଟାଏ କଷ୍ଟ ବଢୁଥିଲା ତା' ଭିତରେ । ଯେମିତି ମନ୍ଥି ହେଇଯାଉଛି ତା' ଭିତରଟା ।

ସୁରଭି ତା' ମୁହଁକୁ ଚାହିଁ ଅଚାନକ ବ୍ୟସ୍ତ ହେଇଗଲା ।

''କ'ଣ ହେଲା ତୋର ? ଏତେ ଝାଳ କାହିଁକି ବହୁଛି ସେଣ୍ଟ୍ରାଲ ଏସି ପବ୍ ଭିତରେ ?'' ପଚାରୁ ପଚାରୁ ସୁଲଗ୍ନାର ଦୃଷ୍ଟି ନିବଦ୍ଧ ଥିବା ସେଇ ୱାଇନ୍ କର୍ନର ଆଡ଼େ ସୁରଭିର ବି ଆଖି ପହଁରିଗଲା । ବଦଳିଗଲା ତା'ର ମୁଡ୍ ।

'ଓହୋ– ସେ ଯୋଉ ଝିଅ ସେଠି ଠିଆ ହେଇଛି, ବ୍ୟାକ୍‌ଲେସ ଛୋଟ ଗାଉନ୍‌ରେ, ତାକୁ ଦେଖି ତୋ' ହାଲତ ଏମିତି ନା ?' ଏବେ ସୁରଭିର ସ୍ୱରରେ ଟିକେ ଥଟ୍ଟା ମିଶିଥିଲା । ହସୁଥିଲା ବି ସେ । ପୁଣି ହସ ବନ୍ଦ କରି ପଚାରିଲା– 'ଦେଖିଲୁ ଦେଖିଲୁ, ଏପଟରୁ ଦେଖିଲେ ଟିକେ ଟିକେ ଝିଅଟା ତୋ' ପ୍ରୀତିଅପା ଭଳି ଦିଶୁନି ! ମାନିବାକୁ ପଡ଼ିବ କିନ୍ତୁ, ପୂରା ଚାରିଇଞ୍ଚର ପେନସିଲ୍ ହିଲ୍‌ରେ ବଢ଼ିଆ ମ୍ୟାନେଜ୍ କରିପାରୁଛି । ଧେତ୍, ଏ କଥା ଭୁଲ୍‌ରେ ବି ପ୍ରୀତିଅପାକୁ ଯଦି କହିଦେଉ ନା ଆମର ସବୁ ଚୋରି ଧରାପଡ଼ିଯିବ ଜାଣିଥା । ଆଉ ସେତେବେଳେ ଗୋଟେ ବି ମାଡ଼ ତଳେ ପଡ଼ିବନି ।

ସୁଲଗ୍ନା କିନ୍ତୁ ଦେଖିପାରୁଥିଲା ସେଇଠୁ ବି ପ୍ରୀତିଅପାର ସେଇ ଧଳାରଙ୍ଗର ପେନସିଲ୍ ହିଲ୍, ଯାହା ଭିତରେ ଗୋଡ଼ ପୂରଉପୂରଉ ଆଜି ସକାଳେ ଝୁଣ୍ଟିଥିଲା ସେ । ଆଜି ସନ୍ଧ୍ୟାରେ ଘରୁ ବାହାରିବାବେଳେ ଆଲମାରି ଭିତରୁ ତରବରରେ ବ୍ୟାଗ୍‌ରେ ପୂରେଇ ଦଉଥିବା ପଥରବସା ବ୍ରେସ୍‌ଲେଟ୍ ବି ଏତିକି ଦୂରରୁ ଚିହ୍ନି ହେଉଛି ତା'ର ଚକ୍‌ଚକ୍‌ପଣ ଯୋଗୁଁ । ଖାଲିଟାରେ ଚେୟାର ଛାଡ଼ି ଠିଆ ହେବାବେଳକୁ ଏବେ ଝୁଣ୍ଟିପଡ଼ିଲା ସେ । ଟିକିଏ ଥରିବା ଭଳି ସ୍ୱରରେ ସେ କହିଲା– ତୁ ଚାଲ୍ ଶୀଘ୍ର, ମୋ' ଦେହ ଜମାରୁ ଭଲ ଲାଗୁନି । ମତେ ଆମ ଫ୍ଲାଟ୍‌ରେ ଛାଡ଼ିଦେବୁ । ମୋ' ଛାତିରେ ଯନ୍ତ୍ରଣା ହେଉଛି । ମୁଁ ପ୍ରୀତିଅପାକୁ ଫୋନ୍ କରିବି, ତା' ହସ୍ପିଟାଲକୁ ସେ ମତେ ନେଇଯିବ ।

ପଛରେ ରହିଗଲା ପବ୍‌ର କ୍ୟାପୁଚିନୋ, ଗାର୍ଲିକ୍ ବ୍ରେଡ୍ ଆଉ ସ୍ୟାଣ୍ଡ୍‌ଉଇଚ୍ । ଏକ ପ୍ରକାର ସୁରଭିର ହାତ ଟାଣିଟାଣି ସେ ସ୍ୱୟଂଚାଳିତ କାଚ କବାଟ ସବୁକୁ ଠେଲିଠେଲି ବାହାରକୁ ନେଇ ଆସିଲା ସୁଲଗ୍ନା । ବାହାରେ ରାତିର ସହର ! ମାୟାବିନୀ କୁହୁକମୟ ଆଉ ଅଭେଦ୍ୟ ରହସ୍ୟରେ ଭରା ।

– ୟୁ.ଏନ୍.କଲେଜ, ଅଡ଼ଶପୁର–୭୫୪୦୧୧






ହାସ୍ୟ ବ୍ୟଙ୍ଗ

ରମ୍ୟ ରଚନା

# ଟଙ୍କା କାହିଁ ଟଙ୍କା?

–ଡ. କୁଳାଙ୍ଗାର

ସକାଳୁ ସନ୍ଧ୍ୟା ଆମେ ଯେତେ ଯୁଆଡ଼େ ଦୌଡ଼ଧପଡ଼ କରୁଛେ, ନାନା ଟେନ୍ସନ ନେଉଛେ ସବୁ ସେଇ ଟଙ୍କା ପାଇଁ। ଟଙ୍କାର ସନ୍ଧାନରେ ଆମେ ସମସ୍ତେ ବ୍ୟସ୍ତ। ସମସ୍ତେ ସମସ୍ତଙ୍କଠାରୁ ଟଙ୍କା ଝଡ଼େଇବାକୁ ଅନେଇ ଥାଆନ୍ତି। ଯିଏ ଯେତେ ଶୀଘ୍ର ଯେତେ ସହଜରେ ଯେତେ ଟଙ୍କା କମେଇ ପାରିଲା ସିଏ ସେତେ ବଡ଼ଲୋକ। ଟଙ୍କା ଅପୂର୍ବ। ତା' ନିକଟରେ ନୈତିକତା ଫୁସ୍‌କରି ଉଭାନ୍ ହେଇଯାଏ।

ନାସ୍ତିକେ କହନ୍ତି କାଳେ ଈଶ୍ୱର ସବୁ ସୃଷ୍ଟି କରିଛନ୍ତି କେବଳ ଟଙ୍କାକୁ ଛାଡ଼ି! କାରଣ ଟଙ୍କା ଈଶ୍ୱରଙ୍କୁ ସୃଷ୍ଟି କରିଛି। ଟଙ୍କା ଦାନ ନଦେଲେ ଈଶ୍ୱର ଈଶ୍ୱର ପରି ଲାଗିବେନି। ଈଶ୍ୱର ଈଶ୍ୱର ଭଳି ନ ଦିଶିଲେ, ତାଙ୍କ ପାଖକୁ କେହି ଆସିବେ ନାହିଁ। କେହି ଯଦି ନ ଆସିବେ ତେବେ ଟଙ୍କା ଦେବ କିଏ ? ଅତଏବ ଭକ୍ତିର ଅନ୍ୟ ନାମ ହେଲା ଟଙ୍କାକୁ ଟଙ୍କାରେ କାଢିବା !

କିଏ କହେ ଟଙ୍କାରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ଏଇଥିପାଇଁକି ଛପା ହୋଇଛି କି ଆମେ ଟଙ୍କାର ନେଣଦେଣ ବେଳେ ସତ୍ୟ ଏବଂ ଅହିଂସା ଉପାୟରେ ଟଙ୍କା ଆୟକଥା ମନେ ପକେଇବା! ଅବଶ୍ୟ ନିନ୍ଦୁକେ କହନ୍ତି କି ଟଙ୍କାରେ ଏଇକଥା ମନେ ପକେଇବା ଉଦ୍ଦେଶ୍ୟରେ ଗାନ୍ଧିଜୀଙ୍କର ଚିତ୍ର ଛପାଯାଇଛି କି ଏଇ ଟଙ୍କା ନ ଥିଲେ ସିଏ ଏକୁଟିଆ ଏତେବଡ଼ ଦେଶକୁ ସ୍ୱାଧୀନ କରିପାରି ନଥାନ୍ତେ!

ଟଙ୍କାକୁ ଅନେକ ଲକ୍ଷ୍ମୀ ବୋଲି କହିଥାଆନ୍ତି। କାରଣ ଲକ୍ଷ୍ମୀଙ୍କର ଅନ୍ୟନାମ ଚଞ୍ଚଳା। ଜଲ୍‌ଦି ଖର୍ଚ୍ଚ ହୋଇଯାଏ ବୋଲି କାଳେ ଏମିତି ତୁଳନା। ତେବେ ଏମିତି ବି ହୋଇପାରେ କି ଲକ୍ଷ୍ମୀପୂଜାର ମେଢ଼ପରି ଟଙ୍କା ଜାକଜମକରେ ଆସେ, ଆନନ୍ଦ ଦିଏ। କିନ୍ତୁ ଖୁବ୍ ଶୀଘ୍ର ତା'ର ବିସର୍ଜନ ହୋଇଯାଏ।

ଏମିତି ନାନାକଥା ମନରେ ଭାବୁଭାବୁ ସିଏ ସାହିମୁଣ୍ଡରେ ପହଞ୍ଚିଗଲା।

ସିଏ କିଏ ?

ଓହୋ, ଆପଣ ତାକୁ ଚିହ୍ନିନାହାନ୍ତି ପରା! ମୁଁ ପରିଚୟ କରେଇ ଦେଉଛି। ସିଏ ହେଉଛନ୍ତି ସେଇ ଭାଗ୍ୟବାନ ଓଡ଼ିଆଙ୍କ ଭିତରୁ ଜଣେ, ଯିଏ ଚିଟ୍‌ଫଣ୍ଡରେ ଟଙ୍କା ଜମା କରିବାର ସୌଭାଗ୍ୟ ପାଇଥିଲେ। ଆଗଆଗ ଭଲ ସୁଧ ଫେରସ୍ତ ପାଇ ଅତୁଳନୀୟ ଆନନ୍ଦଲାଭ କରିଥିଲେ। ଅବଶ୍ୟ ଆହୁରି ବଢ଼ିବ ଆହୁରି ବଢ଼ିବ ଆଶାରେ ସେଇ ସୁଧକୁ ପୁଣି ଚିଟ୍‌ଫଣ୍ଡରେ ଜମା କରିଦେଇଥିଲେ। ଚିଟ୍‌ଫଣ୍ଡରେ ଜମା କରିବାଟା ଏଇଥିପାଇଁ ଭାଗ୍ୟର କଥା ଥିଲା, କାରଣ ଏହା ସର୍କାର ଜାଣିପାରୁ ନଥିଲେ। ଜାଣିଲେ ସିନା ଆୟକର ମାଗିବେ। ନ ଦେଲେ ହଇରାଣ ହରକତ କରିବେ!

ଅତଏବ ଏଜେଣ୍ଟମାନେ ଥିଲେ ଅତି ଆପଣାର ଏବଂ ବିଶ୍ୱସ୍ତ। ଏଜେଣ୍ଟମାନେ ସେଥିରୁ ବଡ଼ଭାଗ କମିଶନି ପାଇ ଗାଡ଼ି ଚଢ଼ିଲେ, କୋଠା ଗଢ଼ିଲେ। ସେମାନଙ୍କ ଛଡ଼ା ଏ ଜମା ସମ୍ପର୍କରେ ଆଉ କେହି ଜାଣୁ ନଥିଲେ। ବୁଡ଼ିଲା ପରେ ଯାଇ ଲୋକେ ଜାଣିଲେ ସିନା !

ତା' ପର କଥା ତ ଆପଣମାନେ ଜାଣନ୍ତି। ଟଙ୍କାର ମାଉଁସ ନେଇ ଉଡ଼େଇଲା କମ୍ପାନୀ କିନ୍ତୁ ହାଡ଼ ବନ୍ଧାହେଲା ସର୍କାର ବେକରେ। ଟଙ୍କା ଫେରାଅ ଟଙ୍କା ଫେରାଅ ବୋଲି ସମସ୍ତେ ସରକାରଙ୍କୁ ଘେରିଲେ। କ'ଣ ନା ସିଏ କାହିଁକି କମ୍ପାନୀକି ଲାଇସେନ୍ସ ଦେଇଥିଲେ ? କାହିଁକି ତାଙ୍କ ସଭାକୁ ଅତିଥି ହେଇକି ଯାଉଥିଲେ ? ସେଥିପାଇଁ ଆମେ ଏତେଟଙ୍କା ରଖିଲୁ ସିନା! କେତେ ଏଜେଣ୍ଟ ପୁଣି ତାଲିକାରେ ନାଆଁ ଯୋଡ଼ିବା, ସଂଗଠନ କରିବା ପାଇଁ ପୁଣି ଟଙ୍କା ଆଦାୟ କଲେ। କେତେ ଦିନ ଏ ଲୀଳା ଚାଲିଲା। କିନ୍ତୁ ଟଙ୍କା ନ ଝଡ଼ିବା ପରେ ସମସ୍ତେ ନିରାଶ ହେଲେ।

ତେବେ ସେଇ ଚିଟ୍‌ଫଣ୍ଡ ମାମଲାରେ ପୁଣି ଜଣେ ବଡ଼ମୁଣ୍ଡ ଗିରଫ ହେବା ଖବର ଟିଭିରେ ଘନଘନ ପ୍ରସାରିତ ହେବାପରେ ସିଏ ଉତ୍ସାହିତ ହୋଇ ସାହିମୁଣ୍ଡରେ ଥିବା ଏଜେଣ୍ଟ ଘରେ ପହଁଚି କବାଟ ବାଡ଼େଇଲା।

ଏଜେଣ୍ଟ ଶିରାଳ ହାତରେ କବାଟ ଖୋଲି ଧେଡ଼ିଆ ମୁହଁରେ ଅଳ୍ପହସି ପଚାରିଲେ– କ'ଣ ଟିଭି ଦେଖିଲ ?

– ସେଥିପାଇଁ ତ ତମପାଖକୁ ଧାଇଁ ଆସିଚି। ଟିଭି କହୁଚି କାଳେ ଗୋଟେ ଲୋକ ପାଖକୁ ପଚିଶି ତିରିଶି ଲକ୍ଷ ଯାଇଚି! ସେତିକି ହେଲେ ତ ଆମ ଗାଁ ଯାକର ଫେରସ୍ତ ହୋଇଯାଆନ୍ତା!! ସିଏ ଛାତି ଫୁଲେଇ କହିଲା।

ଏଜେଣ୍ଟ କହିଲା– ନାଇଁମ ସେତିକିରେ କ'ଣ ହେବ!

– ଆହେ... ମୁଁ କ'ଣ ସୁଧ ମିଶେଇଚିକି! ଖାଲି ମୂଳକୁ ଆଶା ସିନା!! ତମେ ଟିକେ ଯୋଗାଯୋଗ କର। ପୁଲିସିବାଲା ଯାହା ନେବେ ଦେବା ସେମାନେ ଟଙ୍କାଟା ଆଦାୟ କରି ଯେମିତି ଆମକୁ ଦିଅନ୍ତି।

ଯଥାସମ୍ଭବ ଉଚ୍ଚସ୍ୱରରେ ବିକଳିଆ ହସଟେ ହସି ଏଜେଣ୍ଟ କହିଲା– ଆରେ ଭାଇ, ତମେ ଯେମିତି ଭାବୁଚ ସେତେ ସହଜରେ ଟଙ୍କା ଯାଏ ସିନା ଫେରିବା ସହଜ ନୁହେଁ! ତା' ଛଡ଼ା ସେମାନେ ତ ଖାଲି ମଣିଷ ଜବତ ମାନେ ଗିରଫ କରିଛନ୍ତି।

ଏଜେଣ୍ଟର କଥାଶୁଣି ସିଏ ନିରାଶ ମନରେ କହିଲା– ଆହା, ମଣିଷ ଜବତ କଲେ ଆମର ଲାଭ ବା କ'ଣ ? ଟଙ୍କାଗୁଡ଼ାକ ଜବତ କରନ୍ତେ ସିନା !

# ବର୍ଷା: କେତୋଟି ସ୍କେଚ୍

– ମୃଣାଳ



॥ ୧ ॥

ଖରା ଥିଲା ଧୂଳିଉଡ଼ି ମୁହଁରେ ମାଖି ହୋଇଯାଉଥିଲା।
ବର୍ଷା ଦି' ଟୋପା ବର୍ଷିଗଲା ଯେ ସେଇ ଧୂଳି ଦେଖ
କାଦୁଅ ହୋଇ ପାଦରେ ଲୋଟିଯାଉଛି।

॥ ୨ ॥

ବର୍ଷା ବିନ୍ଦୁ କେତେ ପାପୀ ଦେଖ
ମାଟିରେ ପଡ଼ିଲା ତ
ଧୂଳିକୁ ପଙ୍କ କରିଦେଲା।
ବର୍ଷା ବିନ୍ଦୁ କେତେ ପବିତ୍ର ଦେଖ
ମାଟିରେ ପଡ଼ିଲା ତ
ବିହନକୁ ଗଜା କରିଦେଲା।

॥ ୩ ॥

ସହରରେ ବର୍ଷା

କଙ୍କ୍ରିଟ୍ ରାସ୍ତାରେ ପଡ଼ି ଖଣ୍ଡଖଣ୍ଡ ହୋଇଯାଏ ବର୍ଷା ବିନ୍ଦୁ। ବୋହିଯାଏ ନର୍ଦ୍ଦମା ଭିତରକୁ। ଆବର୍ଜନା ନର୍ଦ୍ଦମାରେ ଜମିରହି ପଚେ। ଦୁର୍ଗନ୍ଧ ହୁଏ। ପଚା ପାଣିରେ ପୋକ ଜୋକ ମଶା ମାଛି ଜନ୍ମ ନିଅନ୍ତି। ନର୍ଦ୍ଦମା ପାଣି ଉଚ୍ଛୁଳି ଆସେ ରାସ୍ତା ଉପରକୁ। ଅଟକିଯାଏ ଟ୍ରାଫିକ୍। କାର୍ ଚାଲିଯାଏ ଦୁର୍ଗନ୍ଧ ପାଣିର ଫୁଆରା ଛୁଟାଇ। ଛୋଟଛୋଟ ଢେଉ ତୋଳି ନର୍ଦ୍ଦମାର ପାଣି ପଶିଯାଏ ବସ୍ତି ବାସିନ୍ଦାଙ୍କ ଘରେ।

ଖବରର ଶିରୋନାମ ହୁଏ: ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ। ବର୍ଷା ନିଜକୁ ଦୋଷୀ ଭାବି ବାଦଲ ଉହାଡ଼ରେ ମୁହଁ ଲୁଚାଏ। ଭାବେ, ପରବର୍ଷ ଆଉ ଏଠିକି ଆସିବିନି।

ଗାଁରେ ବର୍ଷା

ଲଙ୍ଗଳ ଫାଳରେ ବିଦୀର୍ଣ୍ଣ ଜମିରେ ପଡ଼ି ମାଟି ଭିତରକୁ ପଶିଯାଏ ବର୍ଷା ବିନ୍ଦୁ। ମାଟି ଦେହରୁ ବାସ୍ନା ଚହଟିଯାଏ। ବୁଣା ବିହନ ଗଜୁରି ଉଠେ। ଚାଷୀର ପଖିଆରୁ ବର୍ଷା ବିନ୍ଦୁ ଝରିପଡ଼େ ସବୁଜ ଧାନଗଛ ଉପରେ। ଚାଷୀ ତା' ଶିରାଳ ହାତରେ ଆଉଁସି ଦିଏ ଟାଁଆସିଆ ଧାନପତ୍ରକୁ।

ଗାଁ ଦାଣ୍ଡ ଏବେ କଙ୍କ୍ରିଟ୍। ସେଠି କାଗଜ ଡଙ୍ଗା ଚାଲିପାରେନା। ହେଲେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ତିଆରି ରାସ୍ତାରେ ବହୁତ ଖାଲଖମା। ବର୍ଷା ବିନ୍ଦୁ ସେଠି ଅଟକି ଆତ୍ମହତ୍ୟା କରେ।

॥ ୪ ॥

ଶୁଣୁଛି ତମ ସହରରେ ବହୁତ ବର୍ଷା
ବେଶି ଭିଜିବନି
ଯଦି ସବୁ ଭୁଲ ବୁଝାମଣା ଧୋଇଗଲା
ତେବେ ମୁଁ ବହୁତ ମନେପଡ଼ିବି।

॥ ୫ ॥

ସିନେମାରେ ବର୍ଷା କେତେ ଭଲଲାଗେ। ନାୟିକା ନାୟକ ବର୍ଷାରେ ଭିଜିଭିଜି ଗୀତ ଗାଆନ୍ତି। ନାଚନ୍ତି। ଆହୁରି କେତେ କଥା କରନ୍ତି। ସେଦିନ ବର୍ଷାରେ ଭିଜିଭିଜି ଘରକୁ ଫେରିଲି। କଲିଂବେଲ୍ ଟିପିବା ମାତ୍ରେ ପତ୍ନୀ ଧାଇଁ ଆସିଲେ। କହିଲେ, ସେଇଠି ରୁହ। ଘରକୁ ପଶନି। ଜୋତା ବାହାରେ ଖୋଲ। ନହେଲେ ଘରସାରା କାଦୁଅ ହେବ। ତମେ ପୋଛିବ ସେତେବେଳେ। ମୋ' ରୋମାଣ୍ଟିସିଜମ୍ ମୂର୍ଚ୍ଛା ଗଲା।

॥ ୬ ॥

ବର୍ଷା ପାଗ ହେଲାମାତ୍ରେ ଆଳୁ ଆଉ ପିଆଜର ଦାୟିତ୍ୱ ହେଲା ସେମାନେ ନିଜ ଦେହରେ ବେସନ ବୋଲି ହୋଇ ଗରମ ତେଲ କଡ଼େଇକି ଡେଇଁ ପଡ଼ିବେ, ଆଉ ତା'ପରେ ପ୍ଲେଟ୍‌ରେ ନିଜକୁ ବିଛେଇ ଦେଇ ଆମ ସାମ୍ନାକୁ ଚାଲି ଆସିବେ।

– ସଞ୍ଚାର ମାର୍ଗ, ଢେଙ୍କାନାଳ

# ଅନେକ ଦିନ ପରେ

**ଇପ୍ସିତା ଷଡ଼ଙ୍ଗୀ**

ପାରାଟିଏ ଉଡ଼ିଗଲା
ପରଟିଏ ଝଡ଼େଇ ଦେଇ
ମୋ' ଉପରେ ମୋ' ବାଲ୍‌କୋନିରେ।
ମନେ ପଡ଼ିଗଲା ଆଜି
ଅନେକ ଦିନ ପରେ
ମା'କୁ ପିଲା ଥିବାବେଳେ କହୁଥିଲି
ପାରା ପରରେ ଆଉଁସିଦେ ନିମିଷେ
ମୁଁ ଶୋଇଯିବି ନିଦରେ!

ଅନେକ ଦିନ ପରେ ମନେ ପଡ଼ିଗଲା
ବୃନ୍ତରୁ ଅକାଳରେ ଖସି
ଶୂନ୍ୟରେ ଶୂନ୍ୟ ହୋଇ ପାରା ପର ଧରି
ନିଜକୁ ନିଜେ ଆଉଁସୁଥିବା
ଅଜନ୍ମା ଶିଶୁ ମୋର।

ଅନେକ ଦିନ ପରେ ମନକୁ ଆସିଗଲା
ମୋ' ଫୁଲକୁଣ୍ଡରେ ଅଣ୍ଡା ଛାଡ଼ି ଦେଇ
ଝଡ଼ ବର୍ଷାରେ କେଉଁଠି
ଅଟକି ଯାଇଥିବା
କୁନି ଚଢ଼େଇ ଦୁଇଟିଙ୍କ ଦୁର୍ଦ୍ଦଶା
ଏକୁଟିଆ ଫେରିଥିବା କୁନି ଚଢ଼େଇର
ଏକଲାପଣ ଓ
ଧୀରେ ସାହସ ଜୁଟେଇବା
ଅସଜଡ଼ା ତା' ନୀଡ଼ରେ ଓ
ଅଭାବକୁ ଜଡ଼େଇ ଧରିବା ଅବା
କେଉଁ ଭାବରେ!

ମନେ ପଡ଼ିଯାଉଥିଲା
ଗୋଟିଏ ଧାଡ଼ିରେ ବିନ୍ଦୁବିନ୍ଦୁ ହୋଇ ଠିଆ
ଗୋଟିଏ ଗୋଟିଏ ସ୍ମୃତି: ଅତୀତ
ପୁଣି ସତେଜ ଠିଆ ହେବା।
କେଉଁ କୁହୁଡ଼ି କି ସମ୍ମୋହନରେ
ଅଚେତ ବର୍ତ୍ତମାନ।

ଅନେକ ଦିନ ପରେ
ଶବ୍ଦସବୁ ସଠିକ୍ ଫେରୁଥିଲେ କବିତାକୁ;
ଶୁଖିଯାଇଥିବା ନଈରୁ ଝରୁଥିଲା ଲୁହ
ଆଜି ନିରନ୍ତର;
ଅନେକ ଦିନ ପରେ
ଅଭିମାନୀ ପାରାର ମାନଭଂଜନ କରୁଥିଲା
ସାଥୀଟି ତା'ର
ତା' ଉଡ଼ିଯିବାକୁ ମିଛ ଆକଟରେ
ଅଟକେଇ ଦେଉଥିଲା ସିଏ!

ଅନେକ ଦିନ ପରେ
ଅଟକି ଯାଉଥିଲା ସମୟ, ସେଇଠି।
ଶୂନ୍ୟରୁ ଝରୁଥିବା ପାରା ପରର ଗତି
ସ୍ଥିର ହେଉଥିଲା
ଅନେକ ଦିନ ପରେ ଦୁଃଖସବୁ
ଚିତ୍ରବିଚିତ୍ର ସୁଖର ମୁଖା ଖୋଲି
ମୁହଁ ଦେଖଉ ଥିଲେ।

ଅନେକ ଦିନ ପରେ
ମୁଁ ଫେରୁଥିଲି ସେଇଠିକୁ
ଯେଉଁଠି ସବୁ ସତ, ମିଛ ବେଲୁନ୍‌ଟେ ହେଇ
ଆଖି ସାମ୍ନାରେ ସଂଘଟିତ
ସବୁ ଦୁଃଖ, ଯନ୍ତ୍ରଣାକୁ ଥଳିରେ ପୂରେଇ
ଉଡ଼ିଯାଉଥିଲା ଆଉ ଗୋଟେ ଗ୍ରହ
ଅନେକ ଦିନ ପରେ, ଏଠି
ଦୁଃଖ ନ ଥିଲା ମୋ' ସହ
ମୋ' ସାହି ଭାଇଙ୍କର
ଅନେକ ଦିନ ପରେ ଫେରୁଥିଲା
ଖୁସିର ଗୋଟେ ମହାଭିଷେକ।।

– ଗୁହାଳପଡ଼ା, ନିମାପଡ଼ା, ପୁରୀ

# କ ବି ତା

## ପାଣି

**– ହେମନ୍ତ କୁମାର ରାଉତ**

ପିଲାଦିନେ ପହିଲି ବର୍ଷାରେ
ଚାଳରୁ ଝରୁଥିବା ବୁନ୍ଦାବୁନ୍ଦା ପାଣି
ମୋ' ଟିକି ପାପୁଲିରେ ଥପ୍‌ଥପ୍
ଝରି ପଡୁଥିଲା
ମୁଁ ଖୁସିରେ ଗୀତ ଗାଇ ନାଚୁଥିଲି
ବୋଉ ପଣତ ଧରି।

କେବେ ଗାଧୋଇ ଫେରିବାବେଳେ
ରୁପାଦାସର ବୃର୍ତ୍ତ କୁନ୍ତଳରେ
ଲାଗିଥିଲା ବୁନ୍ଦାବୁନ୍ଦା ପାଣି
ପଉଷ ସକାଳ ଦୂବଘାସ ଉପରେ
ଚିକ୍‌ଚିକ୍ କାକର ବିନ୍ଦୁ ପରି।
ମୁଁ ଜନ୍ମ ହେବା ପରେ ବୋଉ ମୋ' ପାଟିରେ
ବୁନ୍ଦାବୁନ୍ଦା କ୍ଷୀର ଦେଇ ମୋତେ
ବଞ୍ଚେଇଥିବା ବେଳେ ରୋଗଶଯ୍ୟାରେ
କେତେ ବୁନ୍ଦା ପାଣି ଦେବା ପରେ
ସେ ଆରପାରିକି ଚାଲଗିଲା।

କେଉଁଠି ନା କେଉଁଠି ଦୁଃଖୀ ମଣିଷ
ଆଖିରୁ ବୁନ୍ଦାବୁନ୍ଦା ପାଣି ନିଗିଡ଼ି ଯାଉଛି
ତାକୁ ପୋଛିବାକୁ ଚେଷ୍ଟା ନ କଲେ
ସେଇ ସ୍ରୋତରେ ହୁଏତ ସେମାନଙ୍କର
ସିଂହାସନ ପାଣି ଫୋଟକା ପରି
ଦୋହଲି ଯାଇପାରେ।

– ରାଜନଗର, କେନ୍ଦ୍ରାପଡ଼ା

# ସ୍ୱପ୍ନରେ ସାତପ୍ରସ୍ତ

**– ନୃସିଂହ ତରାଇ**

ଏବେ ଚଷାପୁଅର ଚିନ୍ତା
ବରଷା ବରଷିବ ତ
ନା ଠକି ଦେବ ଆଗପରି
କେଇବର୍ଷ ଧରି ବିଶ୍ୱାସକୁ ତ
ଠୋକର ଦେଉଚି।

ତା' ସ୍ୱପ୍ନରେ କିନ୍ତୁ ଲହଡ଼ି ଭାଙ୍ଗୁଚି
କେରିକେରି
ଚଅଁର ଉଡ଼େଇ ଧାନଫୁଲ
ଗର୍ଭରେ ଗର୍ଭାଙ୍କୁର।

ଏମିତି ଗୋଟେ ରସାଳ ସ୍ୱପ୍ନରେ
ଦିନ ଗଣୁଚି ଯେ ଗଣୁଚି
ଫଳିଲେ ଫସଲ
ହସିବ ପ୍ରାଣ, ଦେଶ ହସିବ।

କେତେ ବାଗରେ ସଜଉଚି ମନ
ଚଉହଦିର ବିଶ୍ୱାସ
ହିଡ଼ ମୁଣ୍ଡରେ ଠିଆ ହେଇ
ଆଉଁସି ଦେଉଚି
ଫଳନ୍ତା ଫସଲର ଦେହ ମୁଣ୍ଡ।

ଏ ସ୍ୱପ୍ନ ଆଜିର ନୁହଁ, ଫିଁ' ସନ
ଏମିତି ଗୋଟେ ସ୍ୱପ୍ନରେ
ଘାରି ହୁଏ ଯେ ଘାରି ହୁଏ
ମନ କୁଣ୍ଢେମୋଟ ହେଇଯାଏ।

ଦକ ଥାଏ, ଦ୍ୱିଧା ଥାଏ
ଆଶା ଆଶଙ୍କା ବି ଥାଏ
ହେଲେ ସ୍ୱପ୍ନ ମେଲିଦେଲେ
ତା' ସାତ ରଙ୍ଗର ପର
ଧୋଇଯାଏ ସବୁ ବିଷାଦର ଦାଗ।

ଏ ବର୍ଷ
ଅଧିକ ଆଶା ବାନ୍ଧିଚି ମନ
ବର୍ଷା ବର୍ଷିଲେ ଠିକ୍‌ଠାକ୍
ତା' ସ୍ୱପ୍ନରେ ଲାଗିଯା'ନ୍ତା
ଆହୁରି କେତେ ନା କେତେ
ନୂଆ ରଙ୍ଗ।

– ପୂର୍ବତଟ ରେଳପଥ, ଭୁବନେଶ୍ୱର

# ଏମିତିକା ସ୍ୱପ୍ନ

**– ସତ୍ୟ ପଟ୍ଟନାୟକ**

ଗଛ ସ୍ୱପ୍ନ ଦେଖିଲେ ଫୁଲ ଫୁଟେ।

ଦୂର ଆକାଶରେ
ଯେଉଁ ଇନ୍ଦ୍ରଧନୁ ଦେଖୁଛ
ସେ ତ ଆକାଶର ସ୍ୱପ୍ନ।

ପ୍ରଥମେ ମୁଁ ମୋର ସ୍ୱପ୍ନମାନଙ୍କୁ
ଡଙ୍ଗାରେ ରଖି ଭସେଇଦେଲି ସମୁଦ୍ରରେ।
ତା'ପରେ ଆଙ୍ଗୁଠିରେ ସମୁଦ୍ରକୁ ଦୁଇଭାଗ କରି
ରାସ୍ତା ତିଆରି କଲି ସମୁଦ୍ରର ଗଭୀରତମ ବିନ୍ଦୁକୁ।
ଏବେ ମୋ' ପାପୁଲିରୁ ଥପ୍‌ଥପ୍ ହୋଇ
ଝରିପଡୁଥିବା ସ୍ୱପ୍ନରେ
ରଙ୍ଗିନ୍ ହୋଇଯାଉଛି ସମୁଦ୍ରର ବେଳା।
ଦୂରରୁ ଭାସିଆସୁଚି
ଛଳନାର ଯେଉଁ ଶୀତଳହରି
ମୋ' ସ୍ୱପ୍ନଭରା ଡଙ୍ଗାକୁ
ନେଇଯିବ ସମୁଦ୍ରର ଅତଳ ଗର୍ଭକୁ।
ଯେବେ ପାଣିସବୁ ବରଫ ପାଲଟିବେ
ଢେଉସବୁ ସ୍ଥିର ହୋଇଯିବେ
ହୁଏତ ସତ ହୋଇଯିବେ ସ୍ୱପ୍ନସବୁ।

ତୁମର ସ୍ୱପ୍ନ ଦେଖିବାର ଢଙ୍ଗ କିନ୍ତୁ
ବଡ଼ ନିଆରା।
ତୁମେ ମୋର ସ୍ୱପ୍ନ
ଓ ମୋ' ପରି ସ୍ୱପ୍ନ ଦେଖୁଥିବା
ଅନ୍ୟମାନଙ୍କ ସ୍ୱପ୍ନ ଉପରେ ପାଦ ରଖି
ଆଗକୁ ପାଦ ବଢ଼ାଅ
ତୋଳିବାକୁ ଦୂର ଆକାଶରେ ଝୁଲୁଥିବା ସ୍ୱପ୍ନଙ୍କୁ।

ଏବେ ତ ପୃଥିବୀ
ବରଫର ସଫେଦ ଚାଦର ତଳେ
ଚୁପ୍‌ଚାପ୍ ଶୋଇଛି
ନିଘୋଡ଼ ନିଦରେ,
ଯେବେ ଛୋଟ ଲାଲ ପକ୍ଷୀଟିଏ ଆସିବ
ଏବଂ ବରଫ ଉପରେ ବସି
ଡେଣା ଫଡ଼୍‌ଫଡ଼ାଇବ
ଜାଣିବ ଯେ ସ୍ୱପ୍ନ ଦେଖୁଛି ପୃଥିବୀ।

– ୭୪୬୪ ୱିଜ୍‌ଡମ୍ ଲେନ୍, ଡବ୍‌ଲିନ୍, ଓ୍ୱାହିଓ–
୪୩୦୧୬, ଯୁକ୍ତରାଷ୍ଟ୍ର ଆମେରିକା

ଗୀତି–କବିତା

# ଆସ ମାଆ ଅବତରି

**– ଛନ୍ଦା ମିଶ୍ର**

ମନର ପ୍ରଦୀପ ଜାଳି ମୁଁ ବସିଛି
ଆସ ମାଆ ଅବତରି
ଅନ୍ଧାର ଅମା ଅନ୍ତର ମୋର
ଆଲୋକରେ ଯାଉ ଭରି।

ପ୍ରାଣର ସଳିତା ତୃଣ ପରି ଜଳେ
ଲୁହରେ ମୋ' ଭିଜିଭିଜି
ଦୀପ, ଧୂପ ଅବା ପୂଜା ପାଇଁ ଫୁଲ
କେଉଁଠୁ ଆଣିବି ଖୋଜି
କି ଦେଇ ତୋଷିବି ତୁମକୁ ମାଆ ଗୋ
ବନ୍ଦିବି କେଉଁ ପରି
ମନର ପ୍ରଦୀପ ଜାଳି ମୁଁ ବସିଛି
ଆସ ମାଆ ଅବତରି।

ଫୁଲରେ ଫୁଲରେ ତୁମରି ସୁବାସ
ତୁମରି କରୁଣା ଧାରା
ସୂରୁଯ ରୂପରେ ମୁରୁଜର ଛିଟା
ସତେ କେଡ଼େ ଅପାସୋରା
ଢାଳିଦିଅ ମାଆ ଗୋ ଜୀବନେ ମୋହର
ତୁମରି ଆଶିଷ ବାରି
ମନର ପ୍ରଦୀପ ଜାଳି ମୁଁ ବସିଛି
ଆସ ମାଆ ଅବତରି।

– ୩ ଆର୍/୬, ବିଜେବି ନଗର,
ଭୁବନେଶ୍ୱର



# ଲେଖିକା ଜୀବନର ମଞ୍ଜି ବୁଣି ସାରିଥିଲି ମାଟ୍ରିକ୍ ସରୁସରୁ...





ସୌମ୍ୟା ମହାପାତ୍ର

**ସୌମ୍ୟା ମହାପାତ୍ର**ଙ୍କ ଜନ୍ମ ୧୦ ମେ ୧୯୮୮ରେ, ଭୁବନେଶ୍ୱରରେ। ଆଲିଆନ୍ସ ୟୁନିଭର୍ସିଟି, ବେଙ୍ଗାଲୁରୁରୁ ଫାଇନାନ୍ସରେ ଏମ୍.ବି.ଏ. କରିଥିବା ସୌମ୍ୟା ବୃତ୍ତିରେ ସମ୍ପ୍ରତି 'ବ୍ୟାଙ୍କ ଅଫ୍ ଇଣ୍ଡିଆ'ର ସହାୟକ ପ୍ରବନ୍ଧକ। 'ଟାଇମ୍‌ପାସ୍' ପ୍ରକାଶନ ସଂସ୍ଥା ଦ୍ୱାରା ୨୦୧୭ରେ ପ୍ରକାଶିତ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ଗୋଡ଼ମୁଦି'। ସେହିବର୍ଷ ତାଙ୍କୁ ମିଳେ ସଂସ୍ଥାର 'ଟାଇମ୍‌ପାସ୍ ପ୍ରଥମା ପୁରସ୍କାର' ଓ 'କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର'। ଅଙ୍ଗେ ନିଭେଇଥିବା ଅନୁଭୂତିର ଟିକେ ବି ପାଖ ଛାଡ଼ି ଯାଆନ୍ତିନି ସୌମ୍ୟା ତାଙ୍କର ପ୍ରାୟ ଗଳ୍ପରେ, ଆଉ ଭାଷା ଆଶାନୁରୂପ ଭାବେ ଅକୃତ୍ରିମ।


ପିଲାଦିନ କଟିଥିଲା ପୁରୀରେ। ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠରେ ଛାତ୍ରୀ ଥିବା ସମୟରେ ଭଲ ପାଠ ପଢ଼ି ପରୀକ୍ଷାରେ ଅଧିକ ନମ୍ବର ରଖିବା ସାଙ୍ଗକୁ ର୍‍ୟାଙ୍କ ରଖିବାର ସ୍ୱପ୍ନ ଯଦିଓ ମୋର ଏକାନ୍ତ ଧ୍ୟେୟ ହୋଇ ଉଠିଥିଲା, ତଥାପି ଆମ ପାଠ୍ୟକ୍ରମରେ ଥିବା ସାହିତ୍ୟ ବହି ଖୋଲି ବସିବା ମାତ୍ରେ ମୁଁ ବେଶୀ ଅନ୍ୟମନସ୍କା ହୋଇପଡୁଥିଲି- କାହିଁକି କେଜାଣି! ବାରମ୍ବାର ପଢୁଥିଲି ପାଠ ବହିର କବିତା ଓ ପ୍ରବନ୍ଧ ସବୁକୁ। ପ୍ରତିବର୍ଷ ଖରାଛୁଟିରେ ପ୍ରତିଭା ରାୟଙ୍କ 'ଯାଜ୍ଞସେନୀ' ସହ ମୋର ଅନ୍ତରଙ୍ଗ ଅବସର ବିତୁଥିଲା। ସାହିତ୍ୟରେ ସର୍ବାଧିକ ନମ୍ବର ରଖି 'କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ' ସମ୍ମାନରେ ସମ୍ମାନିତ ହୋଇଥିଲି ସ୍କୁଲରେ। ସେତେବେଳେ ଜୀବନ ଏତେ ଯାନ୍ତ୍ରିକ ନ ଥିଲା। ସବୁ ଓଡ଼ିଆ ଖବରକାଗଜର ସାହିତ୍ୟ ପୃଷ୍ଠା ଓ ସମ୍ପାଦକୀୟ ସ୍ତମ୍ଭ ପଢ଼ିବାକୁ ବେଶ୍ ଭଲ ଲାଗୁଥିଲା। ସ୍କୁଲ ସରିଲା ବେଳକୁ ପ୍ରତିଭା ରାୟଙ୍କ ଅଧିକାଂଶ କାଳଜୟୀ ଉପନ୍ୟାସ ହୃଦୟସ୍ଥ କରିସାରିଥିଲି। ଅଗ୍ରଜ ଗାଳ୍ପିକ ଦେବପ୍ରସାଦ ଦାଶଙ୍କ ଗଳ୍ପ, ପ୍ରବନ୍ଧ, ଫିଚର୍ ସବୁକୁ ପ୍ରାଣଭରି ଉପଭୋଗ କରୁଥିଲି। ହୁଏତ ମୋ' ଲେଖିକା ଜୀବନ ପାଇଁ ମଞ୍ଜି ସବୁ ବୁଣି ସାରିଥିଲି ମାଟ୍ରିକ୍ ସରିବା ଭିତରେ।

କଲେଜରେ ପାଦ ଦେଉଦେଉ ଗାଳ୍ପିକା ହେବାକୁ ସ୍ୱପ୍ନରେ ମସ୍‌ଗୁଲ ହେଉଥିଲି। ପ୍ରଥମ ଗଳ୍ପ 'ସେଇ ଝିଅଟି'କୁ ପୁରୀର ଏକ ସ୍ଥାନୀୟ ପତ୍ରିକା 'ସମ୍ଭାଷ'ରେ ପ୍ରକାଶ କରି ମୋ' ହାତରେ ଧରାଇ ଦେଇଥିଲେ ଅଗ୍ରଜ ସାମ୍ବାଦିକ ଶ୍ୟାମାପ୍ରକାଶ ସେନାପତି। ଛପା ଅକ୍ଷରର ଫାନ୍ଦରେ ପଡ଼ି 'ଗୋଡ଼ମୁଦି' ଗଳ୍ପଟିଏ ଲେଖି ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଖବରକାଗଜକୁ ପଠାଇଥିଲି। ପାଠକୀୟ ସ୍ୱୀକୃତି ସ୍ୱରୂପ ପ୍ରକାଶିତ ଗଳ୍ପଟି ପାଇଁ ଅନେକ ପୋଷ୍ଟକାର୍ଡ ପାଇଥିଲି। ତା'ପରେ ଆଉ କେବେବି ପଛକୁ ଫେରି ଚାହିଁନାହିଁ। ଓଡ଼ିଆ ଭାଷା-ସାହିତ୍ୟର କୁଳୁକୁଳୁ ସୁଅରେ ଭସାଇ ଦେଇଛି ନିଜକୁ। 'ଧରିତ୍ରୀ', 'ସମାଜ', 'ସମୟ', 'କାଦମ୍ବିନୀ' ଓ 'ସତ୍ୟବାଦୀ' ପରି ବହୁ ପ୍ରତିଷ୍ଠିତ ଖବରକାଗଜ ଏବଂ ପତ୍ରପତ୍ରିକାରେ ପ୍ରକାଶ ପାଇଛି ମୋର ୫୦ରୁ ଊର୍ଦ୍ଧ୍ୱ ଗଳ୍ପ। ପ୍ରତିଭା ରାୟଙ୍କ 'ଯାଜ୍ଞସେନୀ', 'ଶିଳାପଦ୍ମ', 'ପୁଣ୍ୟତୋୟା' ପରି ଉପନ୍ୟାସ ଓ ଦେବପ୍ରସାଦ ଦାଶଙ୍କ 'ଭୋର୍', 'କାନ୍ଥ' ଓ 'ଦୁଃଖର ଇଲାକା' ପ୍ରତ୍ୟକ୍ଷରେ ଓ ପରୋକ୍ଷରେ ଅହରହ ଘୃତ ଅର୍ପଣ କରିଛି ମୋ' ସାହିତ୍ୟ ରୂପକ ଅଖଣ୍ଡ ଦୀପଟିକୁ ତେଜୀୟାନ୍ ହୋଇ ଜଳିବାକୁ। ଆଶା ଓ ବିଶ୍ୱାସ, ତାହା ଜଳିବ ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ।

# ପୁସ୍ତକ ପରିଚୟ




## ମଂଗଳ ଅମଂଗଳ ବିଲ୍ୱ ମଂଗଳ




**ନାଟ୍ୟକାର: ବିଜୟ କୁମାର ଶତପଥୀ**
**ପ୍ରକାଶକ: ଅଗ୍ରଦୂତ, ବାଙ୍କାବଜାର, କଟକ-୨**
**ଦ୍ୱିତୀୟ ପ୍ରକାଶ: ୨୦୧୮,**
**ମୂଲ୍ୟ: ଟ. ୫୦/-**

ଆଲୋଚ୍ୟ ନାଟକଟି ମୁକ୍ତଧାରାର ଶୈଳୀରେ ରଚିତ ଓ ଏହାର ବୈଶିଷ୍ଟ୍ୟ ହେଉଛି ପୁରାଣର ନବନ୍ୟାସ। ନାଟ୍ୟକାର ରାମଦାସଙ୍କ 'ଦାର୍ଢ୍ୟତାଭକ୍ତି', କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିତା ଓ ବଂଗୀୟ କବି ଲୀଳାଶୁକଙ୍କର 'ବିଲ୍ୱ ମଂଗଳ' ଆଦିକୁ ନାଟକର ଆଧାର ଭାବେ ଗ୍ରହଣ କରିଛନ୍ତି। ପ୍ରୟୋଜନସ୍ଥଳେ ମୂଳ କଥାବସ୍ତୁରେ ପରିବର୍ତ୍ତନ ମଧ୍ୟ କରିଛନ୍ତି, ଯାହା ନାଟକଟିକୁ ଗତିଶୀଳ କରାଇଛି। ବିଜୟ ଲେଖିଛନ୍ତି- ''ମୁଁ ନାଟକଟି ଲେଖିଲାବେଳେ କାହାଣୀ ଓ ଚରିତ୍ରଗୁଡ଼ିକ ମଧ୍ୟରୁ ଧର୍ମର ଖୋଳପାକୁ ଉତାରି ଦେବା ପାଇଁ ଚାହିଁଛି। ସେମାନଙ୍କ କ୍ରିୟାକଳାପ ଓ ରୂପାନ୍ତର ମଧ୍ୟ ଦେଇ ସେମାନେ ଜୀବନର ନିଷ୍ଠୁର ସତ୍ୟକୁ ମୁକାବିଲା କରିବା ପାଇଁ କିପରି ଚାହିଁଛନ୍ତି, ତାହା ମୁଁ ଦର୍ଶାଇଛି।'' ନାଟକରେ ସଂଯୋଜିତ ନଟନଟୀ ଚରିତ୍ରଠାରୁ ଆରମ୍ଭ କରି ସମସ୍ତ ଚରିତ୍ରର ପରିକଳ୍ପନା, ସଂଳାପ ବିନ୍ୟାସ ଓ ସଂଗୀତ ସଂଯୋଜନା ପର୍ଯ୍ୟନ୍ତ ନୂତନତାର ଚମକ ବାରିହୁଏ।


## ସବୁ କାନ୍ଥ ଏବେ ମାୟା




**କବି: ପ୍ରହଲ୍ଲାଦ ଶତପଥୀ**
**ପ୍ରକାଶକ: ଟାଇମ୍ ପାସ୍, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮,**
**ମୂଲ୍ୟ: ଟ.୧୧୫/-**

ମୋଟ ୪୫ଟି କବିତା ସ୍ଥାନିତ ଆଲୋଚ୍ୟ କବିତା ଗ୍ରନ୍ଥଟିରେ। ଗ୍ରନ୍ଥାରମ୍ଭରେ କବି କହିଛନ୍ତି: ''କବିତାର ଭାଷା ଓ ପ୍ରାର୍ଥନାର ଭାଷା ମୋତେ ଏକା ପରି ଲାଗେ। ମୋର ବିଶ୍ୱାସ, କବିତାର ଏକ ନିଜସ୍ୱ ଭାଷା ଥାଏ।'' ଗୋଟିଏ ଉଦ୍ଧୃତି ନେବା: ''ମୁଁ ବିତେଇ ଦେଉଥାଏ/ ମୋର ତମାମ୍ ଆୟୁଷକୁ/ ଅନେଇ ଅନେଇ ନକ୍ଷତ୍ରଗୁଡ଼ାଙ୍କୁ,/ ସେମାନଙ୍କ ଭିତରେ ଥାଇ/ ଉଙ୍କି ମାରୁଥିବା ଜହ୍ନକୁ।/ ଦିନେ ଟ୍ରେନ୍ ଚକରେ କଟିଗଲା ଜହ୍ନ/ ଅଧେ ଅଂଧାର ଅଧେ ଆଲୁଅ/ ଏବେ ମୋର ପୃଥିବୀ।'' ('ଦରପୋଡ଼ା ପୃଥିବୀ', ପୃ:୧୯)। ଉଦ୍ଧୃତିଟିରେ ନିହିତ ପ୍ରହଲ୍ଲାଦଙ୍କର କବିତ୍ୱ ଶକ୍ତିକୁ ଚିହ୍ନିହୁଏ ଓ ବାରିହୁଏ ଅନୁଭବର କିପରି ସେ ବାଟଭଂଗା ଚିତ୍ରକର। ତଥାପି ସେ କହନ୍ତି: ''ମୁଁ ଏଯାଏଁ ଲେଖି ପାରିନି କବିତାଟିଏ/ କବିତାର ଭାଷାରେ।'' ('କବିତାର ଭାଷା', ପୃ: ୧୬)। ଗ୍ରନ୍ଥର ପ୍ରାୟ କବିତାରେ ଅନୁଭବ ଓ ଅଭିବ୍ୟକ୍ତି ଦୃଷ୍ଟିରୁ କବି ଖୁବ୍ ବ୍ୟତିକ୍ରମୀ। 'କାବ୍ୟ-ସୌନ୍ଦର୍ଯ୍ୟ'ର ବିନିର୍ମାଣ ବହିଟିର ସବୁଠୁଁ ବଡ଼ ସଫଳତା।


## ଶେଷ ଦୃଶ୍ୟ




**କବି: ସୁଶାନ୍ତ କୁମାର ନାୟକ**
**ପ୍ରକାଶକ: ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୭,**
**ମୂଲ୍ୟ: ଟ.୧୫୦/-**

'ଶେଷ ଦୃଶ୍ୟ' ହେଉଛି ଜୀବନ ଓ ଜଗତକୁ ନେଇ କବିଙ୍କର ସ୍ୱକୀୟ ଅନୁଭବର ଚିତ୍ରରୂପ। ଅବୟବ ଦୃଷ୍ଟିରୁ କବିତାଗୁଡ଼ିକ ପ୍ରାୟ ଛୋଟ, କିନ୍ତୁ ଏଥିରେ ଆଧାରିତ ବିଷୟ ଓ ଭାଷା ଏପରି ତୀବ୍ରଯେ ପାଠକର ମନକୁ ତାହା ପଠନ ମାତ୍ରେ ସଂକ୍ରମିତ ହୋଇଯାଏ। 'ପାହାନ୍ତିଆ ଆକାଶରୁ/ ଜହ୍ନ ଓହ୍ଲାଇ ଆସି/ ମଥା ଗୁଞ୍ଜେ/ ଘରଚଟିଆ ବସାରେ' ('ଆତ୍ମହତ୍ୟା', ପୃ: ୨୭) ଓ 'ସକାଳର ପ୍ରଥମ ଖରା/ ପଥର ଚଟାଣରେ ମଥାପିଟେ/ ସମସ୍ତଙ୍କ ହାତରେ ବଣ୍ଟାହୁଏ ମୋ' ଭାଗ୍ୟ' ('ନୂଆ ସ୍ୱପ୍ନ', ପୃ: ୯୩) ଭଳି ଉଲ୍ଲେଖଗୁଡ଼ିକ ଭିତରେ ଲୁଚି ରହିଛି ବକ୍ତବ୍ୟର ଯେଉଁ ତୀବ୍ରତା, ତାହା ମେଘ ଦେହରେ ବିଜୁଳି ପରି ସଂଚରଣକ୍ଷମ। ସୁଶାନ୍ତ ତାଙ୍କର ପ୍ରାୟ କବିତାରେ ମିତବାକ୍ ଓ ଏହି ବିଶେଷତ୍ୱ ତାଙ୍କ ସୃଜନକର୍ମର ବିରଳତା। ଇଚ୍ଛାକୃତ ଜଟିଳତା ନ ଥିବାରୁ ସୁଶାନ୍ତ ଚଳନ୍ତି ସମୟର କବିତାରେ ତାଙ୍କ କବିତାକୁ ଏକ ଅଲଗା ଧାଡ଼ିରେ ଠିଆ କରାଇବାରେ ସମର୍ଥ ହୁଅନ୍ତି।

## ସମୁଦ୍ର ସମୁଦ୍ର




**ସମ୍ପାଦନା: କିଶୋର ଆକାଶ୍**
**ପ୍ରକାଶକ: ଏଥେନା ବୁକ୍ସ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮,**
**ମୂଲ୍ୟ: ଟ.୨୨୦/-**

ଚରିତ୍ର ଦୃଷ୍ଟିରୁ 'ସମୁଦ୍ର ସମୁଦ୍ର' ଏକ ଭିନ୍ନ ଧାତୁର ବହି, ଯହିଁରେ ସମୁଦ୍ରକୁ ନେଇ ରଚିତ ୨୩ଟି ଓଡ଼ିଆ ଗଳ୍ପକୁ କିଶୋର ଏକାଠି କରିଛନ୍ତି। ଯେଉଁ ସବୁ ବିଶିଷ୍ଟ ଗାଳ୍ପିକମାନେ ସଂକଳନଭୁକ୍ତ, ସେମାନଙ୍କ ମଧ୍ୟରେ ଅଛନ୍ତି ଶାନ୍ତନୁ କୁମାର ଆଚାର୍ଯ୍ୟ, ବୀଣାପାଣି ମହାନ୍ତି, ଗଣେଶ୍ୱର ମିଶ୍ର, ପ୍ରତିଭା ରାୟ, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ଜଗଦୀଶ ମହାନ୍ତି ଓ ସରୋଜିନୀ ସାହୁ ପ୍ରମୁଖ। ସମ୍ପାଦକଙ୍କର ଏକ ଗଳ୍ପ ମଧ୍ୟ ଗ୍ରନ୍ଥରେ ସ୍ଥାନିତ, ଯାହାର ଶୀର୍ଷକ ' ଐରାବତ ସମ୍ବାଦ'। କିଶୋର ଲେଖିଛନ୍ତି: ''ମୋ' ଭଳି ସମୁଦ୍ରର ଅଭୁଲା ପ୍ରେମରେ ପଡ଼ିଯାଇଛନ୍ତି ଆମର ଏଇ ବାଇଶ ଜଣ କଥାକାର। ପୁରୀ, ଗୋପାଳପୁର, ଚାନ୍ଦିପୁର, ବିଶାଖାପଟନମ୍, କୋଭଲାମ୍, ଆଣ୍ଡାମାନ୍ ନିକୋବର ସମୁଦ୍ର କୂଳ ଏମାନଙ୍କ କଥାର ପଟ୍ଟଭୂମି। ଗ୍ରନ୍ଥରେ ସଂଯୋଜିତ ଗଳ୍ପଗୁଡ଼ିକ ବିଷୟ ଓ ଭାଷା ଦୃଷ୍ଟିରୁ ସ୍ୱ-ସ୍ୱ ମହିମାରେ ମହିମାନ୍ୱିତ। 'ସମୁଦ୍ର'କୁ ପ୍ରସଙ୍ଗ କରି ଏକତ୍ର ୨୩ଟି ଗଳ୍ପ ପାଠ କରିବାର ସୁଯୋଗ ପାଇବା ଓଡ଼ିଆ ପାଠିକାପାଠକଙ୍କ ପାଇଁ ନିଶ୍ଚୟ ଏକ ସୌଭାଗ୍ୟର ବିଷୟ। ଗ୍ରନ୍ଥଟି ବ୍ୟକ୍ତି ତଥା ପାଠାଗାରଗୁଡ଼ିକ ପାଇଁ ଅବଶ୍ୟ ସଂଗ୍ରହଣୀୟ।

## ନିରିମାଖି ମାଟି ନିରୁଦ୍ଦିଷ୍ଟ ମୌସୁମୀ




**ଲେଖିକା: ସରସ୍ୱତୀ ବେହେରା**
**ପ୍ରକାଶକ: ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮,**
**ମୂଲ୍ୟ: ଟ.୧୦୦/-**

ମୋଟ ୧୫ଟି ଗଳ୍ପ ଆଲୋଚ୍ୟ ଗଳ୍ପଗ୍ରନ୍ଥରେ ସଂଯୋଜିତ। ଲେଖିକା ଗ୍ରନ୍ଥ ସମ୍ପର୍କରେ କହନ୍ତି: ''ନିରିମାଖି ମାଟି ନିରୁଦ୍ଦିଷ୍ଟ ମୌସୁମୀ ମୋର ଷଷ୍ଠ ଗଳ୍ପ ସଂକଳନ। x x ମାନବୀୟ ଅବବୋଧ ଏବଂ ଗଭୀର ଆତ୍ମବିଶ୍ୱାସକୁ ନେଇ ମୋର ଗଳ୍ପଗୁଡ଼ିକ ଗତିଶୀଳ।'' ଗଳ୍ପଗୁଡ଼ିକ ପଢ଼ିଲେ ମନେହୁଏ, ପ୍ରତିଟି ଗଳ୍ପରେ ସରସ୍ୱତୀ ଯେମିତି ଭୂମିଲଗ୍ନା ଓ ମୂଲ୍ୟବୋଧର ଅବକ୍ଷୟ ବିପକ୍ଷରେ ଏକ ସମର୍ପିତ ସଂକଳ୍ପ। ଯେଉଁଠି ମାନବିକତା ବିପନ୍ନ, ସେଇଠି ଲେଖିକା ବିଦ୍ରୋହିଣୀ। ଗଳ୍ପଗୁଡ଼ିକ ଏପରି ଏକ ସମାଜରେ ବିଶ୍ୱାସ କରନ୍ତି, ଯେଉଁ ସମାଜ ସଂସ୍କାରମୁଖୀ ଓ ସଂସ୍କାରକୁ ଗ୍ରହଣ କରିନେବାକୁ ସମ୍ମତ। 'ମିଛିମିଛିକା ଜହ୍ନରାତି', 'ବାଘ ଆସିଲେ ଡରିବୁନି' 'ବାଉଁଶରାଣୀ', 'ବଡ଼ବଡୁଆ ହୋ!', 'କାମବାଲୀ', 'ଭଲରେ ଥା ଝିଅ' ଓ 'କାଟପାଣି' ପ୍ରଭୃତି ବହିଟିର ଉଲ୍ଲେଖନୀୟ ଗଳ୍ପ। ଗଳ୍ପଗୁଡ଼ିକର ଭାଷା ସରଳ, ସାଦାସିଧା ଓ ଘଟଣାଧର୍ମୀ। ଉଦ୍ଧୃତିଟିଏ: ''ସୁଲିର ମା' ଝିଅ ମୁହଁକୁ ଚାହିଁଲା। ଚାହିଁଲା ତାଲୁରୁ ତଳିପାଯାଏଁ, ଗୋରା ମୁହଁଟା ତା'ର ଲାଲ ଦିଶୁଥିଲା। ଠାକୁରାଣୀ ପରି.../ ଏତେ କମ୍ ବୟସରୁ ଝିଅଟା ଏତେ ବଢ଼ିଆଳ ଦିଶୁଛି...!'' ('ଭଲରେ ଥା ଝିଅ', ପୃ: ୧୦୧)

## ନୀରବତା ଏକ ନଦୀ




**କବି: ସନାତନ ବେହେରା**
**ପ୍ରକାଶକ: ଏସ୍.କେ. ପବ୍ଲିଶର୍ସ, ବାପୁଜୀନଗର, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮,**
**ମୂଲ୍ୟ: ଟ. ୭୦/-**

ମୋଟ ୬୫ଟି କବିତା ଆଲୋଚ୍ୟ ପୁସ୍ତକରେ ସ୍ଥାନିତ। କେତେକ କବିତାରେ ରଚନାଶୈଳୀ ଗଦ୍ୟାଶ୍ରିତ ହୋଇଥିବାବେଳେ କେତେକ କବିତାରେ ଏହା ଛନ୍ଦୋବଦ୍ଧ। ଯଥା: ''ହାଟପାଳି ଦିନ/ ପଶାପାଳି ଖେଳ/ ଖେଳ ଚାରିପାଖେ ଗହଳି,/ ଲାଗେ ସତେ ଅବା/ ବୁଢ଼ାଲୋକଙ୍କର ଚାହାଳି। ('ଗାଁ କଥା ମନେପଡ଼େ'- ପୃ:୪୧)। ଗଦ୍ୟ ବି ତାଙ୍କର ରସାଶ୍ରୟୀ, ଯେପରି ଏଇ ଧାଡ଼ିସବୁ- ''ଏ ସନ ଜାଡ଼ରେ/ ଥୁରୁଥୁରୁ ସକାଳର/ ଖରାପୁଆଁ ବେଳେ/ ତମ କଥା/ ଭାରି ମନେପଡ଼େ।'' ('ସେହି ସବୁ ଦିନ-୪' - ପୃ: ୯୭)। ଜୀବନର ଛୋଟ ବଡ଼ ଯେତେ ଅନୁଭବ, ଯେତେ ଆଖିଦେଖା, କାନଶୁଣା ଘଟଣା ସ୍ମୃତିରେ ସଞ୍ଚିତ, ତାକୁ କବିତାର ରୂପ ଦିଅନ୍ତି ସନାତନ। ବହିଟି କବିତାରେ ରୁଚି ରଖୁଥିବା ପାଠିକାପାଠକଙ୍କ ପାଇଁ ପ୍ରୟୋଜନୀୟ ବୋଧ ହେବ ବୋଲି ଆଶା କରାଯାଏ।